
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର୍ ପରିପ୍ରକାଶ

# ପ୍ରାଚୀ
# PRACHEE

ଜୁଲାଇ ୨୦୨୦
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ଚତୁର୍ଥ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଔ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ
# ପ୍ରାଚୀ
Vol.6 JULY 2020, Issue No. IV
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

**ସାଧୀନତା ନାରୀ ସଂଗ୍ରାମୀ-ପାର୍ବତୀ ଗିରି**
- ଶ୍ରୀ କୁଞ୍ଜ ବିହାରୀ ସାହୁ ୦୭

**ସତସଙ୍ଗର ଫଳ**
- ବନଲତା ସିଂହ ୦୯

**ତ୍ୟାଗର ଅନ୍ୟ ନାମ ବାପା**
- ରୋଜା ପଣ୍ଡା ୧୧

**ଅଲୋଡ଼ା ଘର**
- ଅକ୍ଷୟ ଓଝା ୧୩

**ବାପା**
- ତପନ କୁମାର ଦାସ ୧୫

**ରାକ୍ଷୀ ବନାମ ଦେଶେ**
- ଶ୍ରୀଯୁକ୍ତ ରଜନୀ କାନ୍ତ ଦାସ ୧୭

**ପ୍ରଥମ ଚିଠି**
- ଦୁଷ୍ମନ୍ତ ବେହେରା ୧୮

**ଗୁରୁପୂର୍ଣ୍ଣିମା**
- ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ୍ର ୨୦

**ପ୍ରଥମ ଚିଠି**
- ରଞ୍ଜନ କୁମାର ବ୍ରହ୍ମା ୨୧

**ଭାଗ୍ୟ ସାଜିଲା ଦାଉ**
- ସରୋଜ କୁମାର ଜେନା ୨୨

**ଭୋକ**
- ସୁଭଦ୍ରା ରାଉତ ୨୪

**ମୁଁ ଅଭିଶପ୍ତ କିନ୍ନର**
- ସରୋଜ କୁମାର ଜେନା ୨୫

**କେନ୍ଦ୍ରାପଡ଼ା ଜିଲ୍ଲା ସଫଳ କୃଷି ତଥା ଚାଷ**
- ଶ୍ରୀଯୁକ୍ତ ରଜନୀ କାନ୍ତ ଦାସ ୨୮

**ସମୟ**
- ପ୍ରଜ୍ଞାଲିନ୍ ସାହୁ ୩୦

**ପ୍ରେମ**
- ସୁଜାତା ସାହୁ ୩୧

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011


# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................

ଠିକଣା ........................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ.....................................

ବ୍ୟାଙ୍କ୍.......................................... ସ୍ଥାନ..................................................

ତାରିଖ........................................ ଦସ୍ତଖତ................................................


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ସ୍ୱାଧୀନତା ନାରୀ ସଂଗ୍ରାମୀ- ପାର୍ବତୀ ଗିରି

- ଶ୍ରୀ କୁଞ୍ଜ ବିହାରୀ ସାହୁ

ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନରେ ପଶ୍ଚିମ ଓଡ଼ିଶାର ନାରୀମାନେ ଅଂଶ ଗ୍ରହଣ କରିଥିଲେ । ସେମାନେ ନିଜର ସାହସ ଓ ବୀର ପଣିଆ ଦେଖାଇପାରିଥିଲେ । ସେହି ସାହସୀ ବୀର ରମଣୀମାନଙ୍କ ମଧ୍ୟରେ ପାର୍ବତୀ ଗିରି ସମସ୍ତଙ୍କର ଜଣାଶୁଣା ।

ବରଗଡ଼ ଜିଲ୍ଲାର ବିଜେପୁର ବ୍ଲକ ଅନ୍ତର୍ଗତ ସମଲେଇପଦର ଗାଁ ରେ ପାର୍ବତୀ ଗିରି ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପାଙ୍କ ନାଁ ଥିଲା ଧନଞ୍ଜୟ ଗିରି ଓ ମାଆଙ୍କ ନାଁ ଥିଲା ଶ୍ରମତୀ । ସେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଥିଲେ । ପିଲାଟିବେଳୁ ଲୋକମାନଙ୍କର ସେବା କରିବାକୁ ଆଗଭର ହେଉଥିଲେ । ତାଙ୍କର ଇଛା ଥିଲା ଅଧିକ ପଢ଼ିବାପାଇଁ । ତାଙ୍କ ବାପା ଚାହୁଁ ନଥିଲେ ଝିଅ ଅଧିକା ପାଠ ପଢୁ ବୋଲି । କିନ୍ତୁ ପାବତୀ ଗିରି ଘରେ ଚୁପଚାପ୍ ବସିବାକୁ ରାଜି ହେଉନଥିଲେ । ଗାନ୍ଧିଜୀ ନାରୀମାନଙ୍କୁ ଆନ୍ଦୋଳନରେ ଆଗେଇଯିବାକୁ ପରାମର୍ଶ ଦେଉଥିଲେ । ସେତେବେଳର ସଂଗ୍ରାମୀ ଭାଗିରଥୀ ପଟ୍ଟନାୟକ, ଓ ଜମ୍ବୁବତୀ ପଟ୍ଟନାୟକ ଭଳି ସ୍ୱାଧୀନତା ସଂଗ୍ରାମୀମାନେ ସମଲେଇପଦର ଗାଁ କୁ ଆସୁଥିଲେ । ଗାନ୍ଧିଜୀଙ୍କ ଅସହଯୋଗ ଆନନ୍ଦୋଳନ କଥା କହୁଥିଲେ । ଲୋକମାନଙ୍କର ସେବା କରିବାପାଇଁ କହୁଥିଲେ । ତାଙ୍କର ଦାଦା ରାମଚନ୍ଦ୍ର ଗିରି । ସେ ବି ସ୍ୱାଧୀନତା ଆନ୍ଦୋଳନ ବିଷୟରେ ଗାଁ ଲୋକଙ୍କୁ କହିଲେ । ପାର୍ବତୀ ଗିରି ଖୁସିରେ ରାଜି ହୋଇଗଲେ ଆନ୍ଦୋଳନରେ ମିଶିବାପାଇଁ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସ୍ଲୋଗାନ ଥିଲା କୁଟି ଖାଅ, କାଟି ପିନ୍ଧ । ବିଦେଶୀ ବସ୍ତ୍ର ପରିହାର କରି ସ୍ୱଦେଶୀ ବସ୍ତ୍ର ବ୍ୟବହାର କର । ସେହି ସମୟର ନାରୀ କର୍ମୀମାନେ ଗାନ୍ଧିଙ୍କ ଡାକରାରେ ଉଦବୁଦ୍ଧ ହୋଇ ସ୍ୱଦେଶୀ ବସ୍ତ୍ର ପରିଧାନ କରିଥିଲେ । ମାଳତୀ ଦେବୀ ପାର୍ବତୀ ଗିରିଙ୍କୁ ଖଦଡ ଶାଢ଼ି ପିନ୍ଧାଇ କଂଗ୍ରେସ ନୀତିରେ ଦୀକ୍ଷିତ କରାଇଲେ

ଅରଟରେ ବୁଣା ହେଉଥିବା ଖଦଡ ଲୁଗାରେ ଆନନ୍ଦ ଥିଲା । ସେଥିପାଇଁ ସ୍ୱଦେଶୀ ଶାଢ଼ି ପିନ୍ଧିବାକୁ ପାର୍ବତୀ ଗିରି ଇଛା କଲେ । ଦେଶସେବାରେ ଆଗ୍ରହ ପ୍ରକାଶ କଲେ । ରମାଦେବୀ ଥିଲେ ଜଣେ ପ୍ରଭାବଶାଳୀ ନାରୀ ନେତ୍ରୀ । ସେ ଯାଜପୁର ଜିଲ୍ଲାର ବରୀ ଆଶ୍ରମରେ ରହୁଥିଲେ । ପାର୍ବତୀ ଗିରି ବରୀ ଆଶ୍ରମରେ ପାଦ ଦେଲାପରେ, ସେ ରମାଦେବୀଙ୍କ ସଂସ୍ପର୍ଶରେ ଆସିଲେ । ସେ ପାଠ ପଢ଼ିଲେ । ହରିଜନ ଲୋକମାନଙ୍କର ସେବା କରିବାସହ ଅରଟରେ ସୂତା କାଟିବା, ଆଶ୍ରମ ସଂ। ସୁତୁରା କରିବାରେ ମନ ଦେଲେ ।

ବରୀ ଆଶ୍ରମରେ ରହିବା ସମୟରେ ପାର୍ବତୀ ଗିରି ଦେଶସେବା ବିଷୟରେ ଅଧିକ ଖବର ଜାଣିପାରିଲେ । ସାକ୍ଷିଗୋପାଳରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ଯୋଗ ଦେଲେ । ସ୍ୱେଛାସେବିକା ଭାବେ କାମ କରି ସମସ୍ତଙ୍କ ମନକୁ ଜିଣିପାରିଲେ । ସେ ନିଜ ଜନ୍ମମାଟିକୁ ଫେରିଲେ । ବୁଲାବୁଲି କରି ଅରଟରେ ସୂତାକଟା ବିଷୟରେ ସମସ୍ତଙ୍କୁ କହିଲେ । ଘେଁସ୍, ପାଣିମୋରା, ବରପାଲି, ସରଣ୍ଡାପାଲି, ପଦମପୁରର ଗାଁ ଲେକମାନଙ୍କୁ ଖଦଡ଼ ଲୁଗା ପିନ୍ଧିବାକୁ କହିଲେ । ଗାନ୍ଧିଜୀଙ୍କ ଡାକରାରେ ସମସ୍ତେ ଏକ ମନ ଏକ ପ୍ରାଣ ଦେଇ ମିଶିବାକୁ କହିଲେ । ଗାଁ ଲୋକମାନେ ନିଜ ଜନ୍ମମାଟିର ସେବା କରିବାକୁ ଆଗେଇ ଆସିଲେ ।

ଭାରତଛାଡ଼ ଆନ୍ଦୋଳନରେ ଅନେକ ଭାରତୀୟ ତଥା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଭାଗନେଇ ନିଜ ନିଜର ସାହସିକତା ଓ ବୀରପଣିଆ ପ୍ରଦର୍ଶନ କରିଥିଲେ । ପାର୍ବତୀ ଗିରି ଇଂରେଜ ସରକାରଙ୍କ ବିରୋଧରେ ଆନ୍ଦୋଳନ କଲେ । ସେ ନାବାଳିକା ହୋଇଥିବାରୁ ଗୋରା ସିପାହୀମାନେ ତାଙ୍କୁ ଗିରଫ କରିପାରିଲେ ନାହିଁ । ପାର୍ବତୀ ଗିରିଙ୍କ ସମ୍ପର୍କୀୟ ଯଥା ରାମଚନ୍ଦ୍ର ପୁରୀ, ଉଜ୍ଜଳ ପୁରୀ, ମଙ୍ଗଳା ଗିରି, ଦ୍ୱିତୀୟା ଗିରି, ତୁଳସୀ ଗିରିଙ୍କୁ ଗିରଫ କଲେ । ରାଗିଗଲେ ପାର୍ବତୀ ଗିରି । ନିଆଁ ଧାସ ପରି ଆଗକୁ ମାଡ଼ିଗଲେ । କିଛି ମାନିଲେନି । ରାଗରେ ସବ୍ ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କୋଠରି ଭିତରେ ପଶି ତାଙ୍କ ଚୌକି ଉପରେ ବସିଗଲେ । ସମସ୍ତେ ଅବାକ୍ । ତା'ପର ଦିନ ଜବରଦସ୍ତ ବାନ୍ଧିନେଇଗଲେ ଗୋରା ପୁଲିସ ଦଳ । ସମ୍ବଲପୁର ଜେଲକୁ ପଠାଇଦେଲେ । ଦୁଇବର୍ଷ ରହିଲାପରେ ସେ ଖଲାସ ହେଲେ । ଦୁଇବର୍ଷ ବରଗଡ଼ ଓ ସମ୍ବଲପୁର ଜେଲ୍‌ରେ ଜୀବନ ବିତାଇବାକୁ ପଡ଼ିଲା ପାର୍ବତୀଙ୍କୁ । ପରେ ପରେ ମୁକ୍ତି ପାଇଲେ ।

ଦେଶ ସ୍ୱାଧୀନ ହେଲା । ଖୁସି ଆନନ୍ଦରେ ତାଙ୍କ ପାଦ ତଳେ ଲାଗିଲାନି ଯେମିତି । ଯେତେବେଳେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଲା, ପାର୍ବତୀ ଗିରି ଲୋକମାନଙ୍କୁ ରାତିଦିନ ସାହାଯ୍ୟ କଲେ ।

ସେ ପାଇକମାଳ ବ୍ଲକରେ କସ୍ତୁରବା ଗାନ୍ଧୀ ମାତୃ ନିକେତନ ନାମରେ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିର୍ମାଣ କଲେ । ସେଇଭଳି ସମ୍ବଲପୁରର ଯୁଯୁମରା ବ୍ଲକରେ ଡଃ ଆଇଜାକ ସନ୍ଥ ବାଳନିକେତନ ନାମରେ ଏକ ଅନୁଷ୍ଠାନଟିଏ ଗଢ଼ିଲେ । ସେହି ଦୁଇ ଅନୁଷ୍ଠାନରେ ଅସହାୟ, ଗରିବ, ବାପା-ମାଆଛେଣ୍ଡପିଲାମାନଙ୍କୁ ସାହାଯ୍ୟ କରୁଥିଲେ । ମାଆ ପରି ଛୋଟଛୋଟ ପିଲାମାନଙ୍କୁ ଭଲପାଉଥିଲେ । ସେମାନଙ୍କର ପିଠିକୁ ଆଉଁଶି ଦେଉଥିଲେ ।  ତାଙ୍କର ଏହିପରି ନିଃସ୍ୱାର୍ଥପର ସେବାପାଇଁ ତାଙ୍କୁ *ପଶ୍ଚିମ 'ଓଡ଼ିଶାର ମା' ଟେରେସା* ବୋଲି କହିଥାନ୍ତି । ତାଙ୍କର ସାହସିକତା ପାଇଁ ଲୋକମାନେ '*ବହ୍ନି କନ୍ୟା*' ବି କହିଥାନ୍ତି । ଜୀବନସାରା ଦେଶସେବା, ଲୋକସେବା କରିକରି ରୋଗଗ୍ରସ୍ତ ହୋଇପଡ଼ିଲେ ପାର୍ବତୀ ଗିରି । ସେ ସମସ୍ତଙ୍କ ଆଖିରେ ଲୁହ ଦେଇ ନିଜେ ଆଖି ବୁଜିଦେଲେ ସବୁଦିନପାଇଁ ।

ଅଗଷ୍ଟ ପନ୍ଦର ଆସିଲେ ଅମେ ସଭିଏଁ ସ୍ୱାଧୀନତା ଦିବସ ପାଳନ କରୁଚୁ । ଯେଉଁମାନେ ପ୍ରାଣବଳି ଦେଇଛନ୍ତି ସେମାନଙ୍କ କଥା ମନେପକାଇଛୁ । ଆସ, ଆମେ ପାର୍ବତୀ ଗିରିଙ୍କୁ ମନେ ପକାଇବା । ତାଙ୍କର ଦେଶସେବା ମନୋଭାବକୁ ଆମେ ସାଇତି ରଖି ସମସ୍ତଙ୍କର ମଙ୍ଗଳକାମନା କରିବା ।

ଏଲ୍. ଆଇ.ଜି. ୧୫, ନୟାପଲ୍ଲୀ
ବ୍ରିଟ୍ କଲୋନୀ, ଭୁବନେଶ୍ୱର ୭୫୧୦୧୨
୯୪୩୭୯୨୯୮୭୯ /୭୦୦୮୧୪୨୦୪୦



# ସତସଙ୍ଗର ଫଳ

- ବନଲତା ସିଂ

ହରିଣଟିଏ ହରିଣୀ ଆଉ ଗୋଟିଏ ଛୁଆକୁ ଧରି ଜଙ୍ଗଲରେ ଯାଉଥିଲେ । ହରିଣୀଟି ଆସନ୍ନ ପ୍ରସବା । ବାଟରେ ଯାଉଁ ଯାଉଁ ଗୋଟିଏ ଝରଣା ପଡ଼ିଲା । ହରିଣୀକୁ ଶୋଷ ଲାଗିଲା । ସେ ହରିଣକୁ କହିଲା - ଆଗୋ ମତେ ଭୀଷଣ ଶୋଷ ହେଉଛି ତୁମେ ଛୁଆକୁ ଧରି ଏଇଠି ଠିଆ ହୋଇଥାଅ ମୁଁ ଯାଉଛି ଝରଣାରୁ ପାଣି ପିଇକରି ଆସେ । ହରିଣ କହିଲା - ଦେଖ ତୁମେ ଗର୍ଭବତୀ ଅଛ ମୁଁ କିପରି ତୁମକୁ ଏକୁଟିଆ ଛାଡ଼ିଦେବି ? ହରିଣୀ କହିଲା - ଛୁଆଟା ଏତେ ତଳକୁ ଯାଇପାରିବନି । ତୁମେ ତା' ପାଖରେ ଥାଅ ମୁଁ ଶୀଘ୍ର ଫେରି ଆସିବି । ହରିଣ ଛୁଆକୁ ଧରି ଠିଆ ହେଲା ଆଉ ହରିଣୀ ଗଲା ପାଣି ପିଇବାକୁ ।

ଏହି ସମୟରେ ବାଘର ହେଣ୍ଟାଳ ଶୁଭିଲା । ହରିଣ ଛୁଆକୁ ଧରି ହରିଣୀ ପାଖକୁ ଦଉଡ଼ିଲା । ହରିଣୀ କହିଲା ତୁମେ ଛୁଆକୁ ଧରି ଅନ୍ୟ କେଉଁଆଡ଼େ ପଳାଅ । ମୁଁ ମୋ ନିଜ କଥା ବୁଝିବି । ହରିଣର ହରିଣୀକୁ ଛାଡ଼ି ଯିବାକୁ ଇଚ୍ଛା ନଥିଲେ ବି ସେ ତା' ଛୁଆର ଜୀବନ ରକ୍ଷା କରିବାକୁ ପଳାଇଲା । ବାଘ ଗର୍ଜନ ଧୀରେ ଧୀରେ ନିକଟ ହେବାକୁ ଲାଗିଲା । ହରିଣୀ ଛାନିଆଁରେ ଡିଆ ମାରି ଯିବ କ'ଣ ତା ଛୁଆଟା ଜନ୍ମ ହୋଇ ପଡ଼ିଲା ଆଉ ହରିଣୀ ପାଣି ସୁଅରେ ଭାସି ଗଲା । ଝରଣାରେ ଜଣେ ସାଧୁ ସ୍ନାନ କରୁଥିଲେ । ସେ ହରିଣ ଛୁଆଟକୁ ପାଣି ଭିତରୁ ଉଠାଇ ଆରି ଝୁଲାରେ ରଖିଦେଲେ । ବାଘ ବାଟ ଭାଙ୍ଗି ଚାଲିଗଲା । କିନ୍ତୁ ମାଆ ହରିଣୀର ଜୀବନ ଦୀପ ଲିଭିଗଲା । ସାଧୁ ଛୁଆଟିକୁ ଧରି ଆଶ୍ରମକୁ ଗଲେ ।

ସାଧୁ ଅନ୍ତେବାସୀଙ୍କୁ ଡାକି ଛୁଆଟିକୁ ପୋଛିଦେଇ ତାକୁ ଉଷୁମ କ୍ଷୀର ପେଇବାକୁ କହିଲେ । ସେବା ଯତ୍ନ୍ ପାଇ ହରିଣ ବଡ଼ ହେବାକୁ ଲାଗିଲା । ଶୟନେ ସ୍ୱପନେ ସାଧୁ ଯେମିତି ହରିଣ କଥା ଭାବୁଥାନ୍ତି । ହରିଣ ମଧ୍ୟ ସବୁ ସମୟରେ ସାଧୁଙ୍କ ପାଖେ ପାଖେ ରହେ । ସାଧୁଙ୍କ ସହ ଖାଏ । ପାଖରେ ଶୁଏ ତାର ଖେଳ କୌତୁକରେ ସମସ୍ତଙ୍କୁ ଆକର୍ଷିତ କରି ରଖିଥାଏ । ବର୍ତ୍ତମାନ ଆଶ୍ରମର ମୁଖ୍ୟ ଆକର୍ଷଣ ବିନ୍ଦୁ ହେଲା ହରିଣ । ସାଧୁ ଧ୍ୟାନ କଲାବେଳେ ହରିଣ ନିରବରେ ଶୋଇ ଅନାଇ ରହିଥାଏ । ସାଧୁ ପ୍ରବଚନ ଦେଲା ବେଳେ ହରିଣ ପାଖରେ ଶିଷ୍ୟ ପରି ଶୋଇ ସବୁ ଶୁଣୁଥାଏ ।

ସମସ୍ତଙ୍କର ଆଦର ଯତ୍ନ୍ ପାଇ ହରିଣ ଛୁଆ ବେଶ୍ ଆରାମରେ ଥାଏ । ଦିନେ ସେ ରାଜ୍ୟର ରାଣୀ ସଖି ପରିଚାରୀ ଧରି ସୈନ୍ୟ ସାମନ୍ତଙ୍କ ସହ ରାଜୋଦ୍ୟାନ ପରିକ୍ରମା କରିବାକୁ ବାହାରିଲେ । ଉଦ୍ୟାନରେ ଭ୍ରମଣ କରୁକରୁ ସେ ଘଞ୍ଚ ଜଙ୍ଗଲ ଭିତରକୁ ପଶିଗଲେ । ସେ ଦେଖିଲେ ଜଙ୍ଗଲ ଭିତରେ ଗୋଟିଏ ସୁନ୍ଦର ଆଶ୍ରମ ଝରଣାଟିଏ କୁଳୁକୁଳୁ ହୋଇ ବହି ଯାଇ ଗୋଟିଏ ସୁନ୍ଦର ପୁଷ୍କରିଣୀଟିଏ ସୃଷ୍ଟି ହୋଇଛି । ହଂସ, ହଂସରାଳୀ ପନ୍ତିପନ୍ତି ହୋଇ ଜଳକ୍ରୀଡ଼ା କରୁଛନ୍ତି । ଆଶ୍ରମ ଚାରିପାଖ ସୁନ୍ଦର ସୁବାସିତ ଫୁଲଗଛମାନ ଭରା ଫୁଲରେ ଦୋଳି ଖେଳୁଛନ୍ତି । ପଶୁପକ୍ଷୀମାନେ ନିର୍ଭୟରେ ନିର୍ବିକାର ଚିତ୍ତରେ ଆଶ୍ରମର ତପୋବନରେ କ୍ରୀଡ଼ାରତ । ରାଣୀ ସଖି ମାନଙ୍କୁ ଧରି ଆଶ୍ରମକୁ ଗଲେ ଆଉ ସାଧୁଙ୍କୁ ଦର୍ଶନ କରି ପ୍ରଣାମି ସ୍ୱରୂପ କିଛି ଦାନ ଦକ୍ଷିଣା ଦେଲେ । ସାଧୁ ମଧ୍ୟ ମହାରାଣୀଙ୍କୁ ସ୍ୱାଗତ ଜଣାଇ କିଛି ଉପହାର ଦେଲେ ।

ରାଣୀ ବିଦାୟ ନେଲାବେଳେ ତାଙ୍କ ଦୃଷ୍ଟି ହରିଣଛୁଆ ଉପରେ ପଡ଼ିଲା । ସେ କୌତୁହଳରେ କହିଉଠିଲେ ଇସ୍ କି ସୁନ୍ଦର ହରିଣ । ତାକୁ ପାଖକୁ ଡାକିଲେ । ହରିଣ ସାଧୁଙ୍କ ମୁହଁକୁ ଅନାଇଲା । ସାଧୁ କହିଲେ - ଯାଅ ବସ୍ ରାଣୀମା' ଡାକୁଛନ୍ତି । ତାଙ୍କ ପାଖକୁ ଯାଇ ଅଭ୍ୟର୍ଥନା ଜଣାଅ । ହରିଣ କଥାମାନି ରାଣୀଙ୍କ ନିକଟକୁ ଯାଇ ରାଣୀଙ୍କ ପାଦସ୍ପର୍ଶ କଲା ଏବଂ ଚୁପଚାପ ଠିଆ ହେଲା । ରାଣୀଙ୍କ ମନ ଉଲ୍ଲସିତ ହେଲା । ରାଣୀ ସାଧୁଙ୍କୁ ସେ ହରିଣ ଛୁଆକୁ ମାଗିଲେ । ସାଧୁ କହିଲେ - ମହାରାଣୀ ଏ ହରିଣ ବଦଳରେ ଆପଣ ଆଉ ଯାହା ମାଗିବେ ମୁଁ ଦେବାକୁ ପ୍ରସ୍ତୁତ କିନ୍ତୁ ଏ ହରିଣ ନୁହେଁ କାରଣ ଏହା ଈଶ୍ୱର ପ୍ରଦତ୍ତ ।

ରାଣୀମା' ପଚାରିଲେ - ସ୍ୱାମୀଜୀ ଏ ଜଙ୍ଗଲରେ ତ ଅନେକ ହରିଣ ଅଛନ୍ତି । ଏହି ହରିଣ ଉପରେ ଆପଣଙ୍କ ଆସକ୍ତି କାହିଁକି ? ସାଧୁ ସ୍ମିତ ହାସ୍ୟରେ କହିଲେ - କହିଲି ପରା ଏ ହରିଣ ଈଶ୍ୱର ପ୍ରଦତ୍ତ । ତା' ଉପରେ କେବଳ ଈଶ୍ୱରଙ୍କ ଅଧିକାର । ମୋର ନୁହେଁ । ମୁଁ ନିମିତ୍ତମାତ୍ର । ରାଣୀ କହିଲେ - ମୁଁ ରାଜାଙ୍କୁ କହି ଏ ରାଜ୍ୟରୁ ଅଧା ଆପଣଙ୍କୁ ଦେଇଦେବି ତା ବଦଳରେ ମୋତେ ହରିଣକୁ ମୋତେ ଦିଅନ୍ତୁ । ଯୁକ୍ତିତର୍କ ପରେ ରାଣୀ ନିରାଶ ହୋଇ ଫେରିଲେ ।

ଉଆସକୁ ଫେରି ଉପାସ ରହି ରାଜାଙ୍କ ହରିଣ ମାଗିଲେ । ରାଜା ରାଣୀଙ୍କୁ ପ୍ରବୋଧନା ଦେଇ ସୈନ୍ୟ ସାମନ୍ତ ଧରି ସାଧୁଙ୍କ ନିକଟରୁ ହରିଣ ନେଇ ଆସିଲେ । ଆସିଲାବେଳେ ହରିଣ ସାଧୁଙ୍କୁ ବିକଳ ଦୃଷ୍ଟିରେ ଚାହିଁଥିଲା । ସାଧୁ କହିଲେ ଭୟ କରନା ବତ୍ସ ତୁମେ ଖୁବ୍ ଶୀଘ୍ର ଏ ଆଶ୍ରମକୁ ଫେରି ଆସିବ କହି ଆଶୀର୍ବାଦ କଲେ ।

ରାଜା ହରିଣକୁ ଆଣି ରାଣୀଙ୍କୁ ଦେଲେ । ରାଣୀ ଅତ୍ୟନ୍ତ ଖୁସି ହୋଇ ରାଜାଙ୍କୁ ଧନ୍ୟବାଦ ଦେଲେ । ରାଣୀ ହରିଣକୁ ଅନ୍ତଃପୁରେ ରଖିଲେ କିନ୍ତୁ ରାଜା ବିରକ୍ତ ହେଲେ । କହିଲେ ହରିଣକୁ ଉଦ୍ୟାନ କକ୍ଷରେ ରଖ । ସେ ପଶୁପକ୍ଷୀ ମେଳରେ ଆନନ୍ଦରେ ରହିବ । ତାକୁ ରାଣୀ ହଂସପୁରେ ରଖିବା କ'ଣ ଦରକାର । ରାଣୀ ତ ଜିଦି ସ୍ୱରୂପା ନାରୀ । ସେ ତାଙ୍କ ଜିଦିରେ ଅଟଳ ରହି ହରିଣକୁ ପାଖରେ ରଖିଲେ । ହରିଣ ଆଦର ପାଇଲା ସତ କିନ୍ତୁ ଆଶ୍ରମ ପରି ନୁହେଁ । କାରଣ ହରିଣ ସାଧୁଙ୍କ ପାଖରେ ଖାଏ, ଶୁଏ କୀର୍ତ୍ତନରେ ନୃତ୍ୟ କରେ । ପ୍ରବଚନ ଏକ ଧାନରେ ଶୁଣେ । ଆଶ୍ରମର ଅନ୍ତେବାସୀଗଣ ନିଜ ଜୀବନଠାରୁ ଅଧିକ ଭଲ ପାଆନ୍ତି । ଏଠି କିନ୍ତୁ ଖାଇବା ଜିନିଟେ ଥୋଇଦେଇ ଚାଲି ଯାଆନ୍ତି । ଶ୍ରଦ୍ଧାରେ କେହି ଖୋଇ ଦିଅନ୍ତି ନାହିଁ । ରାଜା ରାଣୀ ତୁଳିତଳ୍ପ ଗଦିରେ ଶୁଅନ୍ତି । ହରିଣକୁ ପାଖରେ ଶୁଆନ୍ତି ନାହିଁ । ହରିଣ ସ୍ନେହଶ୍ରଦ୍ଧାର ଶୁଷ୍କତା ଅନୁଭବ କରି ସାଧୁ ଓ ଆଶ୍ରମକୁ ଝୁରି ହୁଏ । ଆହାର, ନିଦ୍ରା ତାକୁ ସ୍ପର୍ଶ କରିପାରୁନି । ମନେ ମନେ ପ୍ରଭୁଙ୍କୁ କୁହେ ହେ ପ୍ରଭୁ ମୋତେ କାହିଁକି ନିର୍ବାସନ ଦଣ୍ଡ ଦେଲ ? ସତ୍‌ସଙ୍ଗରୁ ବଞ୍ଚିତ କଲ ? ମୋତେ ସାଧୁସଙ୍ଗ ଫେରାଇ ଦିଅ ।

କିଛିଦିନ ଅନ୍ତେ ଦିନେ ଅତି ପ୍ରତ୍ୟୁଷରୁ ରାଜା ଶଯ୍ୟା ଛାଡ଼ିବା ପୂର୍ବରୁ କୂଳ ପୁରୋହିତ ଆସି ହାଜର । ରାଜା ବିସ୍ମୟରେ ପଚାରିଲେ - ପୁରୋହିତେ ଆପଣ ଏତେ ସକାଳୁ କାହିଁକି ଆସିଛନ୍ତି ? କ'ଣ ବିଶେଷ ଖବର ଅଛି କି? କୂଳ ପୁରୋହିତ କହିଲେ - ଆଜ୍ଞା ମହାରାଜ ସକାଳ ପଞ୍ଜିକା ଦେଖୁ ଦେଖୁ ଦେଖିଲି ଆପଣଙ୍କ ପିତାଙ୍କର ପୁଣ୍ୟତିଥି ଆଜି ମଧ୍ୟାହ୍ନ ପୂର୍ବରୁ ତର୍ପଣ କରିବାକୁ ପଡ଼ିବ । ଏଣୁ ମୁଁ ଶୀଘ୍ର ଆସି ଆପଣଙ୍କୁ ଖବର ଦେଲି । ଅପରାଧ କ୍ଷମା କରିବେ । ରାଜା ବିବ୍ରତ ହୋଇ କହିଲେ ଏତେ ଶୀଘ୍ର ମୁଁ କିପରି ଆୟୋଜନ କରିବି ? ଆମର ତ ପିତୃଶ୍ରାଦ୍ଧ ହରିଣ ମାଂସ ଅର୍ପଣ କରାଯାଏ । ମୁଁ କେତେବେଳେ ଶିକାର କରି ହରିଣ ଆଣିବି ପିତୃଶ୍ରାଦ୍ଧ ହେବ । ଯେମିତିହେଲେ ଯୋଗାଡ଼ କରନ୍ତୁ କହି କୂଳପୁରୋହିତ ବିଦାୟ ନେଲେ । ରାଜା କ'ଣ କରିବେ ଚିନ୍ତା କରି ଯାଇ ରାଣୀଙ୍କ ପାଖରେ ପହଞ୍ଚି ସବୁ କହିଲେ ଏବଂ ହରିଣଟିକୁ ମାଗିଲେ । କହିଲେ ପିତୃଶ୍ରାଦ୍ଧ ପାଇଁ ଏହି ହରିଣକୁ ତୁମେ ଦେଇଦିଅ ମୁଁ ତୁମକୁ ଆଉ ଗୋଟିଏ ହରିଣ ଆରି ଦେଇଦେବି । ରାଣୀ ଅରାଜି ହେବାରୁ ରାଜା ବଳପୂର୍ବକ ହରିଣକୁ ନେଇ କୂଳଦେବୀଙ୍କୁ ସମର୍ପଣ କରିସାରି ତାକୁ ସିନ୍ଧକରି ପିତୃତର୍ପଣ କରିବାକୁ ପୂଜାରୀକୁ କହିଲେ । ପୂଜାରୀ ହରିଣକୁ ପବିତ୍ର କରି ଫୁଲ ସିନ୍ଦୂର ପିନ୍ଧାଇ ଦେଲେ ଆଉ ଅଳ୍ପ ସମୟ ଅଛି ବଳି ପକାଇବାକୁ ହଠାତ୍ କୂଳପୁରୋହିତ ଧଇଁସଇଁ ହୋଇ ଦଉଡ଼ି କରି ଆସି କହିଲେ ରାଜନ ରୁହନ୍ତୁ । ମୋତେ କ୍ଷମା କରନ୍ତୁ । ମୋର ପଞ୍ଜିକା ଗଣନା ଭୁଲ ହୋଇଯାଇଛି । ଆଜି ଆପଣଙ୍କ ପିତାଙ୍କର ଶ୍ରାଦ୍ଧ ନୁହେଁ । ଆଉ ଜଣଙ୍କର । ମୋର ଅପରାଧ କ୍ଷମା କରନ୍ତୁ । ମୁଁ ଭୁଲ ବଶତଃ ଏତେ ବଡ଼କାମ କରି ଦେଇଛି । ରାଜା ବିରକ୍ତ ହେଲେ କିନ୍ତୁ ବ୍ରାହ୍ମଣଙ୍କୁ କିଛି ନକହି ଚୁପ୍ ରହିଲେ ।

ହରିଣ ବଞ୍ଚିଗଲା । କିନ୍ତୁ ରାଣୀ ଖୁସିହେଲେ ସତ ପୁଣି ଏହି ପରି ବିପଦ ଆସିପାରେ ଭାବି ହରିଣକୁ ନେଇ ନିଜେ ଆଶ୍ରମରେ ଛାଡ଼ି ଆସିଲେ । ସାଧୁ ଖୁସି ହୋଇ କହିଲେ - ଦେଖିଲ ରାଣୀ ମୁଁ କ'ଣ କହୁଥିଲି ସେ ଈଶ୍ୱର ପ୍ରଦତ୍ତ । ତା ଉପରେ କାହାର ଅଧିକାର ନାହିଁ । ହରିଣ ମହା ଖୁସିରେ ସାଧୁଙ୍କ ପାଦ ସ୍ପର୍ଶ କରି ଆଶ୍ରମରେ ନାଚି କୁଦି ସମସ୍ତଙ୍କୁ ଅଭ୍ୟର୍ଥନା ଜଣାଇଲା ।

# ତ୍ୟାଗର ଅନ୍ୟ ନାମ ବାପା

- ରୋଜା ପଣ୍ଡା

କାର୍ଯ୍ୟାଳୟରେ ପୁରା ଦିନର କର୍ମ ବ୍ୟସ୍ତତା ଭିତରେ ମୁଁ ଆଜି ଠିକ୍ ବୁଝି ପାରୁଥିଲି ଜଣେ ଅନନ୍ୟ ବ୍ୟକ୍ତିତ୍ୱଙ୍କ ପରିଶ୍ରମ, ତ୍ୟାଗ ଆଉ ଦାୟିତ୍ୱକୁ । ସେ ଆଉ କେହି ନୁହଁନ୍ତି ସେ ହେଉଛନ୍ତି "ବାପା" । ମୋର ଆପଣମାନଙ୍କର ସମସ୍ତଙ୍କର "ବାପା" । ଯାହାଙ୍କ ବିନା ସବୁକିଛି ଅର୍ଥହୀନ, ନିସ୍ୱ । ଏହିସବୁ ଭାବନାରେ ପହଁରୁ ପହଁରୁ ହରିମଉସା କଫି ନେଇ ମୋ ଚାମ୍ବରକୁ ଆସିଲେ । ତାଙ୍କ ହାତରୁ କଫି ନେଇ ମୁଁ ପିଇବାକୁ ଲାଗିଲି । ଅଫିସରରେ ପ୍ରୋଜେକ୍ଟ ଫାଇଲର ବୋଝ ଆଉ କମ୍ପୁଟରର ତୀବ୍ରଲାଇଟିଙ୍କୁ ନୂଆ ନୂଆ କେମିକାଲ ମିଶ୍ରଣ ପ୍ରକିୟାର ଲାବ୍ରୋଟେରୀ ଭିତରେ ମୁଣ୍ଡଟା କାହିଁକି ଭାରି ଭାରି ଲାଗୁଥିଲା । ଏମିତି ଏକ ବିରକ୍ତିକର ପରିସ୍ଥିତିରେ ମନ ଖୋଜୁଥିଲା ଗରମ ଗରମ କଫି କପେ । ଯାହାହେଉ ହରି ମଉସା ମନ କଥାକୁ ବୁଝି ଠିକ୍ ସମୟରେ କଫି କପଟି ବଢ଼ାଇଦେଲେ । ହରିମଉସା କଫି ଦେଇ ବାହାରକୁ ଯିବାକୁ ପ୍ରୟାସ କରନ୍ତେ ମୁଁ ପଛରୁ ଡାକି ପଚାରିଲି ମଉସା ଆପଣ କ'ଣ ପୁଜାଛୁଟି ନେଇ ନାହାନ୍ତି କି ? କହୁଥିଲେ ପୂଜାରେ ଛୁଟି ନେଇ ପିଲାମାନଙ୍କୁ ଦେଖିବାକୁଯିବେ । ହେଲେ କ'ଣ ହେଲା ? ଆପଣ ଏ ଯାଏଁ ଡିଉଟି କରଛନ୍ତି । ଆଉ ଦୁଇଦିନ ରହିଲା ପୂଜା । ଘର ପାଇଁ କିଛି କିଣା କିଣି କରିବାକୁ ଯାଇନାହାନ୍ତି କି ? ମୋ କଥା ଶୁଣି ମଉସା ମୁହଁ ଶୁଖେଇ ଉତ୍ତର ଦେଲେ - ନାଁ, ଛୁଟି ନେବିନି ବଡ଼ ବାବୁ କହୁଥିଲେ ଛୁଟି ନେଲେ ପଇସା କଟିବ । ଗୋଟିଏ ଦିନର ପଇସା କଟିଗଲେ ମୋ ପିଲାଛୁଆ ହଇରାଣ ହୋଇଯିବେ । ଏତିକି କହି ହରିମଉସା ଚାଲିଗଲେ । ମଉସା ସିନା ଚାଲିଗଲେ କିନ୍ତୁ ମୋ ମନ ଭିତରେ ଗୁଡ଼ାଏ ପ୍ରଶ୍ନ ଛାଡ଼ି ଦେଇଗଲେ । ସେ ବି କାହାର ବାପା । ପିଲାଙ୍କ ପାଇଁ ଏଠି ବିନା ଛୁଟିରେ କାମ କରୁଛନ୍ତି ପୂରାଦିନ । ଏ ଦୁନିଆ ସବୁ ବେଳେ ମାଆର ଜୟ ଜୟ କାର କରେ କାରଣ ମାଆ ଜନ୍ମଦେଇଥାଏ ବୋଲି । ନଅ ମାସ ଗର୍ଭରେ ରଖିଥାଏ ବୋଲି । କିନ୍ତୁ କେହି କେବେ ଭାବିଛନ୍ତି ଯେ, ମାଆ ସିନା ନଅମାସ ଗର୍ଭରେ ରଖେ ପିଲାକୁ ଜନ୍ମ ଦେବାପାଇଁ ହେଲେ ଜଣେ ବାପା ପୁରା ଜୀବନ ପିଲାକୁ ନିଜ ମୁଣ୍ଡ ଭିତରେ ରଖେ ପିଲାର ଭବିଷ୍ୟତ ପାଇଁ । ମାଆ ରୋଷେଇ ଘରେ ଆମ ପାଇଁ ଯେଉଁ ଖାଦ୍ୟ ପ୍ରସ୍ତୁତ କରନ୍ତି ତାହା ଆମେ ଖୁସିରେ ଖାଇ ମାଆ ଆମର ପ୍ରାଣଦାତ୍ରୀ ବୋଲି ଭାବୁ । ହେଲେ କ'ଣ କେବେ ଆମ ମନକୁ ଆସିଛି ଯେ ଯେଉଁଖାଦ୍ୟ ମାଆ ତିଆରି କରିଥାନ୍ତି ସେଇ ଖାଦ୍ୟର ଯୋଗାଡ଼ ପାଇଁ ଆମ ବାପା ତାଙ୍କର ପୂରା ଦିନ କ୍ଲାନ୍ତ ପରିଶ୍ରମ କରିଥାନ୍ତି । ବାପା ଏକ ଅବ୍ୟକ୍ତ ଶବ୍ଦର ଅସ୍ପଷ୍ଟ ଅକ୍ଷର । ଯାହାଙ୍କ ଆଶ୍ରୟର ବଳୟ ଭିତରେ ଥିଲେ ଲାଗେ ଯେମିତି ଦୁନିଆର ସବୁଠୁ ସୁରକ୍ଷିତ ସ୍ଥାନରେ ଆମେ ଅଛୁ । ଯାହାଙ୍କ ସାମ୍ନାରେ ସେ ସବୁ ଚିନ୍ତାର ଦୁଃଶ୍ଚିନ୍ତା ର ଅନ୍ତ ହୁଏ । ଯାହାଙ୍କ ତାଗିଦ ଓ କଠୋରତା ପାଇଁ ଆମେ ଛୋଟ କଢ଼ିଟିଏ ରୁ ସୁନ୍ଦର ପ୍ରସ୍ଫୁଟିତ ଫୁଲଟିଏ ହେଇ ଦୁନିଆରେ ଏକ ସ୍ୱତନ୍ତ୍ର ପରିଚୟ ପାଇଥାଉ ।

ଦୁନିଆର ସବୁଠୁ ଶକ୍ତିଶାଳୀ ଶବ୍ଦ ହେଉଛି ବାପା । ଯାହା କେବଳ ଏକ ଶବ୍ଦ ନୁହେଁ ହୃଦୟର ସାହସ । ଆମ ମନରେ ଉଙ୍କି ମାରୁଥିବା ସମସ୍ତ ଇଚ୍ଛାମାନଙ୍କୁ ଜୀବନ୍ତ ରୂପ ଦେଉଥିବା ଜଣେ ଭିନ୍ନ ଯାଦୁଗର । ବାପା କେବଳ ଏକ ଶବ୍ଦ ନୁହେଁ ଏହା ଏକ ଅନନ୍ୟ ଅନୁଭବ ।

ଆଜି ଅଫିସରେ ଏଇ ଆଠ ଘଣ୍ଟିଆ ଡିଉଟିର ଥକା ଭିତରେ ମୁଁ ଠିକ୍ ଅନୁଭବ କରିପାରୁଛି ଜଣେ ବାପାଙ୍କର ତ୍ୟାଗ ଆଉ କଷ୍ଟ । ମାଆ ସିନା କୋଳରେ ଧରିଥାଏ ନିଜ ସନ୍ତାନକୁ ଯାହା ଦୁନିଆର ନଜରକୁ ଆସିଯାଏ ହେଲେ ବାପା ଦୁନିଆର ନଜର ଆଢୁଆଳରେ ରହି ମଧ୍ୟ ମାଆ ଆଉ ସନ୍ତାନ ଉଭୟଙ୍କର ବୋଝକୁ ମୁଣ୍ଡରେ ମୁଣ୍ଡାଇ ପାଣି, କଣ୍ଟା ସବୁକିଛି ଅତିକ୍ରମ କରି ଚାଲିଥାନ୍ତି । ଜୀବନର ରାସ୍ତାରେ ଆଗକୁ ଆଗକୁ । କେବେ ତାଙ୍କର କ୍ଷତାକ୍ତ ପାଦର ଯନ୍ତ୍ରଣାଟିକୁ କିଏ ଅନୁଭବ କରିଛ କି ?ଆଜି ଯେତେବେଳେ ଅଫିସରେ ମାତ୍ର ଅଳ୍ପସମୟ ମଧ୍ୟରେ ମଧ୍ୟାନଭୋଜନ ସାରିବାକୁ ଉପରକର୍ମଚାରୀଙ୍କ ଠାରୁ ଆଦେଶ ଆସୁଛି ସେତେବେଳେ ପିଲାବେଳକଥା ଖୁବ ମନେପଡୁଛି । ପିଲାବେଳେ ଯେତେବେଳେ ମାଆ ଆଉ ମୁଁ ଘରେ ଟିଭି ଲଗେଇ ବିଭିନ୍ନ ପ୍ରକାର ଖାଦ୍ୟ ଆରାମରେ ବସି ଖାଉଥିଲୁ ସେତେବେଳେ ବାପା ନିଜ ଅଫିସରେ ମାତ୍ର ସ୍ୱଳ୍ପ ସମୟରେ

ନିଜ ଖାଇବା ଶେଷ କରି କାମରେ ଲାଗି ପଡୁଥିଲେ । ଆମେ ମାଆ ଆଉ ମୁଁ କାମ ସାରି କିଛି ସମୟ ବିଶ୍ରାମ ନେଉଥିଲୁ ସେତେବେଳେ କିନ୍ତୁ ବାପା ଗୋଟିଏ ଚେୟାର ଉପରେ ବସି ପୁରା ଦିନ କାଟି ଦେଉଥିଲେ । ବାପା ସାରା ଜୀବନ ବିନା ବିଶ୍ରାମରେ କାଟୁଥିଲେ । ମାଆ ସିନା ଘରେ ସନ୍ଧ୍ୟାରେ ବହି ସିଲଟଧରି ପାଠ ପଢ଼ାଉଥିଲେ ହେଲେ ବାପା ସେଇ ବହି, ସିଲଟ କିଣିବା ପାଇଁ ଆଉ ସ୍କୁଲ ଦରମା ଦେବା ପାଇଁ ପୁରା ଦିନ ଅନ୍ୟପାଖରେ ଗୁଲାମୀ ଖଟୁଥିଲେ ।

ମାଆ ସିନା ଆମ ଶୋଇବା ପାଇଁ ମଖମଲି ଶେଯ ପକାଇ ଦେଉଥିଲେ କିନ୍ତୁ ବାପା ଆମକୁ ସୁଖନିଦ୍ରାଦେବା ପାଇଁ କେଉଁ ଏକ କୋଣରେ ତଳେ ଶୋଇ ଯାଉଥିଲେ । ମାଆ ସିନା ସ୍ନେହ କରୁଥିଲେ କିନ୍ତୁ ବାପାଙ୍କ ତାଗିଦ ଆଉ ଗାଳି ଫଳରେ ଆଜି ଆମେ ଏତେ ଉପରେ ପହଞ୍ଚିପାରିଛେ । ମାଆ ସିନା ସାବିତ୍ରୀ ପୂଜାରେ ମାମୁ ଘରୁ ଆସିଥିବା ନୂଆ ଲୁଗା ପିନ୍ଧିବାର ସୁଯୋଗ ପାଇଥାନ୍ତି କିନ୍ତୁ ବାପା ସବୁପୂଜା ତାଙ୍କ ଅଫିସରେ କାଟିଦିଅନ୍ତି । ଅଧିକା ଦରମା ଆଶାରେ ମାଆ ଆଉ ଆମମାନଙ୍କ ପାଇଁ ନୂଆ କିଛି କିଣିବାର ଅଭିଳାଷାରେ । ମାଆ ସିନା ସ୍କୁଲ ଯିବାକୁ ରେଡ଼ି କରାନ୍ତି କିନ୍ତୁ ବାପା ଧୂଉ ଧୂଉ ଖରାରେ ଆମକୁ ମୁଣ୍ଡାଇ ସ୍କୁଲରେ ଛାଡ଼ି ଆସନ୍ତି । ଦୁଇବେଳା ମାଆ ଖାଇବା ପ୍ରସ୍ତୁତ ପାଇଁ ସକ୍ଷମ ହୁଅନ୍ତି କେବଳ ବାପାଙ୍କ ପାଇଁ  କାରଣ ଏଇ ଦୁଇ ବେଳାର ଖାଦ୍ୟ ବ୍ୟବସ୍ଥା ପାଇଁ ବାପା ପୂରା ଜୀବନ ନିଜର ରକ୍ତକୁ ପାଣିକରି ପରିଶ୍ରମ କରିଥାନ୍ତି । ମାଆ ଯେଉଁ ପରିବା ଆଉ ସଉଦା ବ୍ୟବହାର କରନ୍ତି ରୋଷେଇ ପାଇଁ ସେଇ ପରିବା ଆଉ ଘର ସଉଦାପତ୍ର କିଣିବା ପାଇଁ ବାପା ଖରା, ବର୍ଷା ଆଉ ଶୀତ କାକରରେ ଦୋକାନ ଦୋକାନ ବୁଲିଥାନ୍ତି ଏବଂ ଘରକୁ ଫେରିଥାନ୍ତି ବିଲକୁଲ ଜଣେ କୁଲି ରୂପରେ । ପିଠି, ହାତ ଆଉ ମୁଣ୍ଡରେ ଆମ ପାଇଁ ସଉଦା ଓ ପରିବା ବୋହି ।

ବାପା ସମସ୍ତ ଦାୟିତ୍ୱ ଭାରି ବୋଝକୁ ମୁଣ୍ଡାଇ କେତେବେଳେ ଯେ ଅଣ୍ଟାଭାଙ୍ଗି ବୁଢ଼ା ହୋଇଯାଆନ୍ତି ଆଉ ଆମେ ସେସବୁକୁ ନ ପରଖି ବାପାଙ୍କର ବାର୍ଦ୍ଧକ୍ୟ ଆସିଗଲା ବୋଲି ଅନୁମାନ କରିଥାଉ । ବାପା ହସନ୍ତି ଖୁବ୍ କମ କିନ୍ତୁ ଆମମାନଙ୍କ ଓଠରେ ହସର ଲହରୀ ଛୁଟାଇବା ପାଇଁ ସେ ଅବିରାମ ପ୍ରୟାସ ରତ । ବାପା ହେଉଛନ୍ତି ଗୋଟେ ଜୀବନ ସବାର ହେଉଥିବା ପରିବାରରୂପକ ଡଙ୍ଗାର ଜଣେ କୁଶଳୀ ନାଉରୀ । ଗାଲରେ ଚାପୁଡ଼ାଟିଏ ବସିଲେ ମାଆଲୋ ବୋଲି ପାଟିରୁ ବାହାରିପଡ଼େ ସିନା କିନ୍ତୁ ରାସ୍ତାରେ ବଡ଼ ଟ୍ରକ କି ବସକୁ ସାମ୍ନାକୁ ଆସିଗଲେ ବାପାଲୋ ବୋଲି ପାଟିରୁ ବାହାରିପଡ଼େ । କାହିଁକି ନା ଛୋଟ ଛୋଟ ବିପଦରେ ମାଆ ମନେ ପଡ଼େ କିନ୍ତୁ ବଡ଼ ବଡ଼ ବିପଦ ଆସିଲେ ଲୋକେ କେବଳ ବାପା ହିଁ ମନେ ପଡ଼ନ୍ତି । ବାପା ଏମିତି କବର ଗଛ ଯାହାର ଶୀତଳ ଛାଇରେ ପୂରା ଦୁନିଆ ଆଶ୍ରୟ ନିଏ । ଅଫିସରେ ପୁରାଦିନ ଗୋଟିଏ ଚୌକିରେ ବସି କାମ କରିବାର କଷ୍ଟ ମାଆ ନୁହେଁ ବରଂ ବାପା ହିଁ ଭଲ ଭାବରେ ବୁଝିପାରିବେ । ଏତିକିବେଳେ ଫୋନ ବାଜି ଉଠିଲା ଆଉ ସେପଟୁ ଶୁଣାଗଲା, "ଅଫିସରୁ ବାହାରିଲୁଣି, ନା ଏଯାଏ କାମ ସରିନି ?" ମୁଁ ଉତ୍ତର ଦେଲି ହଁ ବାପା ।

ପୂର୍ଣ୍ଣାନନ୍ଦ ଭବନ, ନେତାଜୀନଗର ମଧୁପାଟଣା, କଟକ ।

# ଅଲୋଡ଼ା ଘର

– ଅକ୍ଷୟ ଓଝା

ଆମ ଗାଁ ମୁଣ୍ଡରେ ପରିତ୍ୟକ୍ତ ଘରଟିଏ । ଭାଙ୍ଗି ଆସୁଥିବା ମାଟି କାନ୍ଥ । ମାଟି ଖୁପୁରୀରେ ଛାଆ ହୋଇଥିବା ଜରାଜୀର୍ଣ୍ଣ ଘରଟିଏ । ଭଗ୍ନ ସ୍ତୂପ ପରି ଛିଡ଼ା ହେଇଛି କେଉଁ କାଳରୁ । ଅଲରା ବଲରା ସରୀସୃପଙ୍କ ଆଡ୍ଡା । ପାଖରେ ଖୁବ ଡରଲାଗେ । ସଂଜରେ ଚେମାଣିଆ ଉଡ଼େ । ଅନ୍ଧାର ହେଲେ ସେ ରାସ୍ତା ଦେଇ ଯିବାକୁ ଡରଲାଗେ । ଭୂତକୋଠି ଭଳି ଦୃଶ୍ୟ ହୁଏ ଦୂରରୁ । ପରିତ୍ୟକ୍ତ ଘର, ଅଲୋଡ଼ା ଘର ।

ଏମିତି କେତେ ଲୋକ ଗାଆଁ ଛାଡ଼ି ସାରିଲେଣି । ଗାଁରେ ଆଉ କେହି ରୁହନ୍ତି ନାହିଁ ସେମାନଙ୍କର । ଘରସେମିତି ଭୁଷୁଡ଼ି ଯାଇଛି । ଭୂତ କୋଠିରେ ବଦଳି ଯାଇଛି । ସବୁଦିନପାଇଁ ପରିତ୍ୟକ୍ତ ହେଇ ଯାଇଛି । ସେମାନେ ସହଜରେ ସେମାନଙ୍କର ପରିଚୟ ବନେଇଛନ୍ତି । ଗାଁ ସହିତ କୌଣସି ସମ୍ପର୍କ ନାହିଁ । ଗାଁ ଓ ମାଆ କେବେ ଅଭିମାନ କରେନା । ପିଲା ଛାଡ଼ି ଚାଲିଯାଏ କୋଳ, ଗାଁ ଛାଡ଼ି ଚାଲିଯାଏ ଗ୍ରାମୀଣ । ସହରୀ ହେଇଯାଏ । ମାଆ ଅଶ୍ରୁଢ଼ାଳେ ଆଉ ଗାଁ ସେମିତି ମାଟିର ପୁଅକୁ ହରେଇ ଉଦାସ ହୁଏ । ଏଇଠି ସେମାନଙ୍କ ପୂର୍ବ ପୁରୁଷମାନେ ରହି ଆସୁଥିଲେ । ଗାଁ ବାସିନ୍ଦା ଭାବରେ ପରିଚିତ ହେଉଥିଲେ । ଏଇ ଗାଁ ର ପାଣି ପବନରେ ବଢ଼ିଥିଲେ । ଗାଁ ସ୍କୁଲରେ ପାଠ ପଢୁଥିଲେ । ଭଲ ପାଠ ପଢ଼ି ଭଲ ଚାକିରୀ ଟିଏ କରି ସହରରେ ରହିଗଲେ । ରହିଗଲେ ଯେ ରହିଗଲେ । ଆଉ ଫେରିଲେ ନାହିଁ । ପଚାରିଲେ କୁହନ୍ତି ଗାଁରେ ଅଛି ଯେ କ'ଣ ? କ'ଣ ପାଇଁ ଗାଁକୁ ଯିବୁ । ପିଲାମାନେ ଗାଁକୁ ପସନ୍ଦ କଲେନାହିଁ । ଜୀବନ ଥିବାଯାଏ ଏକ ଗାଁରେ ଜନ୍ମ ନେଇଥିବା ଶେଷ ପିଢ଼ି ଯା ଆସ କରେ । ଆଉ ଚାଲିଗଲାପରେ ଗାଁରେ ଭାଙ୍ଗି ସ୍ତୂପରେ ପରିଣତ ପୁଣି କେହି ଆସନ୍ତିନି ଏଇ ଘର ଗାଁକୁ ।

ଆଜିକାଲି ସବୁ ଗାଁରେ ଦେଖିବାକୁ ମିଳୁଛି ଏ ଘଟଣାର ଦୃଶ୍ୟ । କରୁଣ ଦୃଶ୍ୟ ଏ ଗ୍ରାମ ବଂଶ ବିଲୁପତ କରି ହଜି ଯାନ୍ତି ସହରରେ ।

ଆମ ପିଲାବେଳେ ଏଇ ଘରଟି ଭାରି ସମ୍ଭ୍ରାନ୍ତ ପରିବାର ଭାବରେ ନାଁ ଥିଲା । ଏଇ ଘରେ ରହୁଥିବା ଶେଷ ବୁଢ଼ିଟି କାଳେ ଭାରି ଗରିବ ଥିଲା। ଅଳ୍ପ ବୟସରେ ତାଙ୍କ ସ୍ୱାମୀ ଚାଲିଗଲାପରେ ଭାରି କଷ୍ଟରେ ଥିଲା ମହିଳାଜଣକ । ଦୁଇଟି ପୁଅ ବୁଢ଼ୀର । ଭାରି କଷ୍ଟରେ ଥିଲେ ବି ମାଆ ଜଣକ ପୁଅମାନଙ୍କୁ ପାଠ ପଢ଼େଇଲା । ପର ଘରେ କାମ କରି ନିଜ ଜମିବାଡ଼ି ଦେଖ ରେଖ କରି ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରେଇଲା । ପିଲାମାନେ ସହର ଗଲେ । ବଡ଼ ବଡ଼ ଚାକିରି କଲେ । ଅତି ସମ୍ମାନୀୟ ପଦବୀରେ ଅଳଙ୍କୃତ ହେଲେ ।

ସହରରେ ଘର କଲେ। ବିବାହ କଲେ । ପରିବାର ସହ ସହରରେ ରହିଲେ । ପିଲାଙ୍କ ପାଠ ପଢ଼ା ସହରରେ ଜୀବନ । ବୁଢ଼ୀ ମାଆ ଗାଁରେ ଏକୁଟିଆ ଏଇ ଘରେ । ପୁରା ଗାଁ ମାଆ ପାଖକୁ ଆସନ୍ତି । ସୁଖ ଦୁଃଖରେ ଗୁହାରୀ କରନ୍ତି । ମାଆ ସାହାଯ୍ୟ କରେ । ସମସ୍ତଙ୍କ ସୁଖ ଦୁଃଖରେ ଥାଏ ମାଆ । ବେଳେବେଳେ ମାଆ ପୁଅଙ୍କ ପାଖକୁ ଚାଲିଯାଏ । ଗାଁ ଖାଁ ଖାଁ ଲାଗେ । ପୁଣି ଫେରି ଆସେ ମାଆ ଗାଁକୁ । ମା ଫେରିଲେ ଭାରି ଭଲ ଲାଗେ ଗାଁ ଲୋକଙ୍କୁ । ମାଆ ଆସି ବାରି ଘର ସଜାଡ଼େ । ବାରି ଡିହରେ ଫସଲ ଲଗାଏ । ଚାଷ ଜମିରେ ଧାନ ବୁଣେ । ଦାଣ୍ଡ ବାରି ଲୋକ ଲଗେଇ ଲିପାପୋଛା କରେ । ସଂଜବେଳେ ମାଆ ଦାଣ୍ଡରେ ଗାଁ ଲୋକଙ୍କ ଭିଡ଼ ଜମେ । ବେଳେବେଳେ ମାଆ ଦାଣ୍ଡରେ ମେଳା ମହୋତ୍ସବଟିଏ ହୋଇଥାଏ । ପୁରା ଗାଁଟି ଯାକ ଏକାଠି ହୁଅନ୍ତି ମାଆ ଦାଣ୍ଡରେ । ଗାଁ ଲୋକେ କୁହନ୍ତି ସତେ ଲକ୍ଷ୍ମୀମନ୍ତ ବୁଢ଼ିଟିଏ ।

ବେଳବେଳେ ସହରରୁ ପାଠୁଆ ବଡ଼ଲୋକ ପୁଅ ମାନେ ଗାଁକୁ ଆସନ୍ତି ମଟରଗାଡ଼ିରେ। ପୂରା ଗାଁରେ ଚହଳ ପଡ଼ିଯାଏ । ବାବୁ ଆସିଛନ୍ତି ଗାଁକୁ ମଟରଗାଡ଼ିରେ । ଆମେ ପିଲାବେଳ ଲୋକଙ୍କ ଠାରୁ ଶୁଣୁ ଲୋକେ କଥା ହୁଅନ୍ତି ଆମ ଆଖପାଖ ଶହେ ଖଣ୍ଡ ଗାଁରେ ମଟରଗାଡ଼ି କାହାରି ନାହିଁ । ଆମ ଖଣ୍ଡିଆ ଖାବଡ଼ା ମାଟି ରାସ୍ତାରେ ଧୂଳି ଉଡ଼େଇ ଖୁବ୍ ଦୌଡ଼େ ଧଳା ରଂଗର କାରଟି । ଆମେ ଗାଡ଼ି ପଛେ ପଛେ ଦୌଡୁ ଧଉଳିରେ ଲଟପଟ ହେଇ । ଗାଡ଼ି ଆସି ମାଆ ଘର ପାଖରେ ଛିଡ଼ା ହେଇଯାଏ । ପୁରା ଗାଁ ଏକତ୍ର ହେଇଯାଆନ୍ତି ଗାଡ଼ି ଓ

ବାବୁଙ୍କୁ ଦେଖିବାକୁ । କେତେକ କୌତୁହଳରେ ପଚାରି ଦିଅନ୍ତି ଗାଡ଼ି ନଈପାର ହେଲା କେମିତି ଆସେ ପିଲାମାନେ ଭାରି କୌତୁହଳରେ ଶୁଣୁ । ଗାଁର ପାଠୁଆ ପିଲାମାନେ କୁହନ୍ତି ପତ୍ରପୁର ଘାଟରେ ଚାପ ଡଙ୍ଗାରେ ଆସେ ଗାଡ଼ି । ଦୁଇଟା ଡଙ୍ଗା ଯୋଡ଼ା ହୁଏ । ପଟା ପଡ଼େ ପୁଣି ଗାଡ଼ିକୁ ପେଲି ଡଙ୍ଗାରେ ଛିଡ଼ା କରାଯାଏ । ତାପରେ ସାବଧାନରେ ଗାଡ଼ି ପାର ହୁଏ ।

ବାବୁମାନେ ସକାଳୁ ଆସି ସଂଜକୁ ଫେରି ଯାଆନ୍ତି ସହର । ଗାଁରେ ରହିବାକୁ ଅସୁବିଧା ହୁଏ ବୋଲି । ଗାଁରେ ବିଜୁଳି ନଥିଲା । ଭାରି ବିରକ୍ତି ଲାଗେ ଅସମ୍ପୂର୍ଣ୍ଣ ଅଧା ଅଧୁରା ଗାଁରେ ପୁଣି ଧୂଳି ଉଡ଼େଇ ମଟରଗାଡ଼ି ଫେରିଯାଏ ସହର ଆଡ଼େ ।

ମାଆ ରହିଯାଏ ଗାଁରେ । ମାଆ ବାଡ଼ିରେ ମନ୍ଦାର ଫୁଲ ଫୁଟେ । ଆମେ ପୂଜା ପାଇଁ ଆଣୁ । ମାଆ କେବେ ମନା କରେନା । ନାନା ଜାତିର ପନିପରିବା ଫଳେ । ମାଆ ଡାକି ଦେଇ ଦିଏ ସଭିଙ୍କୁ । ଦିନେ ମାଆର ଦେହ ଖରାପ ହେଲା । ସହରରୁ ଗାଡ଼ି ଆସିଲା । ମାଆର ଇଚ୍ଛା ନଥିଲେ ବି ପୁଅ ନେଇଗଲା ସହରକୁ । ଡାକ୍ତର ଔଷଧ ସବୁ ସହରରେ । ସବୁ ଗାଁବାଲା ମାଆ ଗଲା ବେଳେ ଗାଡ଼ି ପାଖରେ ଭିଡ଼ ହେଇଗଲା । ସମସ୍ତେ ମାଆକୁ କାନ୍ଦି କାନ୍ଦି ବିଦାୟ ଦେଲେ । ମା ଠିକ୍ ହେଇ ଫେରି ଆସୁବୋଲି ସମସ୍ତେ ପ୍ରାର୍ଥନ କଲେ । ଗାଁ ଘର ବାଡ଼ି ଚାକର ଦାଇତ୍ୱରେ ଦେଇ ମାଆ ସହର ଗଲା । ମାସେ ପରେ ଖବର ଆସିଲା ଯେ ମାଆର ଦେହାନ୍ତ ହେଇଗଲା ହସ୍ପିଟାଲରେ । ସେଇ ଦିନୁ ଏ ଘର ଅଲୋଡ଼ା ହେଇଗଲା ସବୁଦିନ ପାଇଁ । ଧୀରେ ଧୀରେ ଶୂନଶାନ ହେଇଗଲା ଏ ଘର ପରିସର । ଯାହା ମନେ ଅଛି ବାବୁମାନେ ଥରେ ଦୁଇଥର ଏଇ ଘରକୁ ଆସିଛନ୍ତି ମାଆ ଚାଲିଯିବା ପରେ । ତାପରେ ଏକ ପରିତ୍ୟକ୍ତ ଭଗ୍ନ ସ୍ତୁପ ହେଇ ପଡ଼ି ରହିଛି ଏ ଘର ଆଜିଯାଏ ।

ଅକ୍ଷୟ ଓଝା, ରାଇଁଲୋ, ନୂଆପଡ଼ା କେନ୍ଦ୍ରାପଡ଼ା ।


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ବାପା

- ତପନ କୁମାର ଦାସ

ମହାନ୍ତି ବାବୁ ଆଜି ବହୁତ ଖୁସି । ଗାଁ ସାରା ସମସ୍ତଙ୍କୁ ମିଠା ବାଣ୍ଟୁଛନ୍ତି । ସେ ଜାଣିଛନ୍ତି ଜଣେ ହାଇସ୍କୁଲ ପିଅନର ପୁଅ ଯଦି ବଡ଼ ଅଫିସର ଚାକିରି ପାଏ ତାହେଲେ ଏ ଦୁନିଆରେ ତାହାଠାରୁ ବଳି ଆଉ କିଛି ଖୁସି ନାହିଁ ।

ମହାନ୍ତିବାବୁ ଗାଁ ହାଇସ୍କୁଲରେ ଜଣେ ସାଧାରଣ ପିଅନ । ଦରମା ମାତ୍ର ୩ହଜାର ଟଙ୍କା । ଆଜିକାଲି ଦୁନିଆରେ ୩ହଜାର ଟଙ୍କାରେ ଘର ଚଳେଇବା କେତେ କଷ୍ଟ ତାଙ୍କୁ ବେଶ୍ ଜଣା । ଗୋଟିଏ ପୁଅ ସୋମୁ ଓରଫ ସୋମନାଥ ମହାନ୍ତି । ପିଲାବେଳୁ ନିଜ ମା'କୁ ଦେଖିନି । ବାପା ହିଁ ସବୁକିଛି ।

ସେଇ ହାଇ ସ୍କୁଲରେ ପାଠପଢ଼େ । ମାଟ୍ରିକରେ ଫାଷ୍ଟ ପାସ କରେ । ସ୍କୁଲର ଶିକ୍ଷକମାନେ ମହାନ୍ତିବାବୁଙ୍କୁ ବହୁତ ଭଲ ପାଆନ୍ତି । ତେଣୁ ସୋମରୁ ପଢ଼ାରେ ତାକୁ ବହୁତ ସାହାଯ୍ୟ କରନ୍ତି ।

ମହାନ୍ତିବାବୁ ହେଡସାରଙ୍କ ଘରେ ରୋଷେଇଠୁ ଆରମ୍ଭକରି ବଜାର ହାଟ ସବୁକିଛି କାମ କରନ୍ତି । ଯାହା ଦି'ପଇସା ମିଳେ ସୋମୁର ପାଠପଢ଼ା ଡ୍ରେସଖର୍ଚ୍ଚ ଇତ୍ୟାଦିରେ ସାରନ୍ତି । ଛୋଟ ଘରଟିଏ । ରାତିରେ ଜହ୍ନାଲୋକ ଚାଳ ଫାଙ୍କ ଦେଇ ଦିଶେ । ସେ ଯାହାବି ହଉ ସେମୁର ମା ଦୁଃଖ ନଥାଏ । ଦୁଃଖ କ'ଣ କେବେ ଅନୁଭବ କରିନି ।

ମହାନ୍ତିବାବୁ ବହୁତ କଷ୍ଟ କରି ପିଲାଟିକୁ ଛୋଟରୁ ବଡ଼ କରନ୍ତି । ପାଠ ପଢ଼ାନ୍ତି । କେବେ କେବେ ନିଜେ ନଖାଇ ଉପାସରେ ଶୋଇପଡ଼ନ୍ତି । କିନ୍ତୁ ସୋମୁ ତାଙ୍କ ଜୀବନ ପ୍ଲସ ଟୁ ଆଡ଼ମିଶନ କରିବା ପାଇଁ ପଇସା ନାହିଁ । ବହୁ ନେହୁରା କରି ହେଡ଼ସାରଙ୍କୁ କହି କିଛି ପଇସା ଧାର କରି ତା ନାଁ ଲେଖାଇଦେଲେ । ତାପରେ ପ୍ଲସ ଥ୍ରି କଲା । ଭଲ ପଢୁଥିବାରୁ ସମସ୍ତେ ବହୁତ ଗେହ୍ଲା କରନ୍ତି । ତାପରେ ଭୁବନେଶ୍ୱର ଯିବ ପଢ଼ିବାପାଇଁ । ବହୁତ ପଇସା ଦରକାର । ମହାନ୍ତିବାବୁ ସବୁଦିନ ଚିନ୍ତା କରୁଥାନ୍ତି କେମିତି ପଠେଇବେ ଭୁବନେଶ୍ୱର । ବହୁତ ଧାର ରଣ କରିସାରିଲେଣି । ଆଉ କାହାକୁ ମାଗିବେ । କିନ୍ତୁ ମନେମନେ ଭାବୁଥାନ୍ତି - ପୁଅ ଚାକିରି କଲେ ସବୁ ସୁଝିଦେବେ ।

ଏମିତି ଦିନେ ଗାଡ଼ିଚାଲେ ପ୍ଲସ ଥ୍ରି ପରୀକ୍ଷା ବେଳ । ମହାନ୍ତି ବାବୁ ତାଙ୍କ ଇପିଏଫ ପଇସା ଯାହା ଥିଲା କାଢ଼ି ତା ପାଇଁ ଗୋଟିଏ ସାଇକେଲ କିଣିଦେଲେ । ସୋମୁ ବହୁତ ଖୁସିରେ ପରୀକ୍ଷା ଦେଲା । ତାଙ୍କ ବ୍ଲକରେ ପ୍ରଥମ ସ୍ଥାନ ଅଳଙ୍କୃତ କଲା । ରାସ୍ତାଘାଟ ସବୁଆଡ଼େ ଚର୍ଚ୍ଚା । ମହାନ୍ତିବାବୁ ଭଳିଆ ଲୋକ ସଂସାରେ ନାହାନ୍ତି । ପିଲା ହବ ତ ସୋମୁ ପରି । ଯାହାହଉ ଆଜି ମହାନ୍ତିବାବୁ ତାଙ୍କର କଷ୍ଟକର୍ମ ଫଳ ପାଇଗଲେ । ବିଚରା ବହୁତ ଭଲଲୋକ । ଭଗବାନ ସବୁବେଳେ ଭଲଲୋକଙ୍କ ସାଥିରେ ।

ଏଇମିତି କିଏ କେତେକଥା । ମହାନ୍ତିବାବୁ ଯେତେ ଖୁସି ସେତେ ଦୁଃଖୀ । ପିଲାଟା ଏବେ ଭୁବନେଶ୍ୱର ଯିବ କେମିତି ? ଯେମିତି ସେମିତି ପ୍ଲସଥ୍ରି ପର୍ଯ୍ୟନ୍ତ ପାସ କରେଇଦେଲି ସିନା ଯଦି ଆଗକୁ ନପଢ଼େ ସବୁ ବୃଥା ।

ଆଜୀବନ ତପସ୍ୟା ଶୁଖିଆ ପୋଡ଼ାରେ ଯିବ । କ'ଣ କରିବେ ରାତିସାରା ନିଦ ନାହିଁ ଭୋକ ନାହିଁ ।

ସୋମୁ ଶୋଇଥାଏ ମହାନ୍ତିବାବୁ ତା ମୁଣ୍ଡକୁ ଆଉଁସି ଆଉଁସି ଭାବୁଥାନ୍ତି । ଶେଷରେ ଚିନ୍ତାକଲେ ଘରଡିହ ଟାକୁ ବିକିଦେବେ । ଯାହା ପଇସା ମିଳିବ ସେଥିରେ ପୁଅକୁ ଭୁବନେଶ୍ୱର ପଠେଇବେ । କିନ୍ତୁ ଭିଟାମାଟିର ମୋହ ସମସ୍ତଙ୍କୁ ଥାଏ ଅନ୍ୟ କିଛି ଉପାୟ ବି ନଥାଏ ।

ସକାଳୁ ଗାଁର ଜଣେ ଜମିଦାରକୁ ଯାଇ ଭିଟାମାଟି କାଗଜପତ୍ର ଦେଇ କିଛି ଟଙ୍କା ଆଣିଲେ ଓ ପୁଅକୁ ବୁଝେଇ ସୁଝେଇ ପଠେଇଦେଲେ ସହର ପଢ଼ିବାକୁ । ମନରେ ବହୁତ ସ୍ୱପ୍ନ । ବହୁତ ଆଶା ସୋମୁ ପଢ଼ିବ ଚାକିରି କରିବ ହାକିମ ହେବ ।

ଏଇମିତି ମାସ ପରେ ମାସ ବର୍ଷ ପରେ ବର୍ଷ ଚାଲିଗଲା । ମହାନ୍ତିବାବୁ ହେଡ଼ସାରଙ୍କ ଘରେ କେବେକେବେ ସ୍କୁଲରେ ବି ଶୋଇପଡ଼ିନ୍ତି । ଦିନେ ହେଡ଼ସାର ସକାଳୁ ଡାକ ଛାଡ଼ିଲେ । ମହାନ୍ତିବାବୁ ଜଲଦି ଆସ । ତମେ ତ ବଡ଼ଲୋକ ହେଇଗଲ କିନ୍ତୁ ସୋମୁ ଆସିଲା ନାହିଁ ଗାଁକୁ । ମହାନ୍ତିବାବୁ ଜଗିଛନ୍ତି ଜଲଦି ଆସିଲେ ଭିଟାମାଟିଟା ମୁକୁଳାଇବେ । ସବୁ କରଜ ସୁଝିବେ । ଦିନ ପରେ ଦିନ ବର୍ଷ ପରେ ବର୍ଷ ଗଡ଼ିଗଲା । ସୋମୁର ଦେଖା ମିଳିଲାନି । ଯେତେ ଚିଠିଦେଲେ ଉତ୍ତର ନାହିଁ ।

କେହି କେହି କହନ୍ତି ସୋମନାଥ ବାବୁ ଜଣେ ସହରୀ ସୁନ୍ଦରୀକୁ ବାହା ହେଇଗଲେଣି । ବହୁତ ବଡ଼ ଘରେ ରୁହନ୍ତି । ବଡ଼ ଗାଡ଼ି । ଗୋଟିଏ ଛୁଆ ମଧ୍ୟ କିନ୍ତୁ ଆଜିବି ମହାନ୍ତି ବାବୁ ବିଶ୍ୱାସ କରନ୍ତିନି ।

ଆଜିବି ପୁଅର ଅପେକ୍ଷାରେ ମହାନ୍ତିବାବୁ । ସବୁଦିନ ସକାଳେ ଥରେ ଆଉ ସନ୍ଧ୍ୟାରେ ଥରେ ଗାଁ ବସକୁ ଦେଖି ଆସନ୍ତି କାଳେ ସୋମୁ ଆସିବ ବୋଲି । ଆଜିବି ବୁଢ଼ା ବୟସରେ ଆଶା ଛାଡ଼ିନାହାନ୍ତି । ସେଇ କୋରଡ଼ ପରସ୍ତ ଆଖି ଆଉ ଚମ ଧୁଡୁଧୁଡୁ ଶରୀର ଜଗି ବସିଛି ନିରୀହ ଚାହାଣୀରେ । କେବେ ସେ ଅଲିଅଳି ଏକୋଇର ବଳା ବିସିକେସନ ଆସିବ ଆଉ ବାପାଙ୍କୁ କୁଣ୍ଢେଇ ବାପା ବୋଲି ଡାକିବ ?

ସତରରେ ସବୁ ବାପା କ'ଣ ଏଇମିତି ନିଜ ସନ୍ତାନ ପାଇଁ ଜୀବନକୁ ତୁଚ୍ଛ ମନେ କରି ବଳି ଦେଇଥାନ୍ତି ।

ଶିକ୍ଷକ, ଥୁରାମପୁର, କଳାହାଣ୍ଡି ।


POWER HOUSE

DISTRIBUTOR

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ରାକ୍ଷୀ ବନାମ ଦେଶେ

- ଶ୍ରୀଯୁକ୍ତ ରଜନୀକାନ୍ତ ଦାସ

"ୟେ ମେରେ ବତନ୍ କେ ଲୋଗୋ, ଜରା ଆଁଖମେ ଭରଲୋ ପାନି...ଏତିକି ରିଙ୍ଗଟୋନ ଶୁଭିଛି କି ନାହିଁ ଦୌଡ଼ି ଆସି ଫୋନ୍ ଉଠାଇଲା କ୍ରୀଷ୍ଣା । ଭାଇ ତାର ଫୋନ୍ କରିଛି ବୋଲି ସମସ୍ତଙ୍କୁ ଏଭଳି ଡାକ ପକାଉଥିଲା ଯେ...ସହଜରେ ବାରି ହୋଇ ପଡୁଥିଲା ତା ମନର ବ୍ୟାକୁଳତା । କ୍ରୀଷ୍ଣା ପଚାରିଲା - ଭାଇ, ଆଉ କେଇଟା ଦିନବା ରହିଲା ରାକ୍ଷୀକୁ । ଏ ବର୍ଷ ଘରକୁ ଆସିବଟି ? ଦୁଇ ତିନି ବର୍ଷ ହେଲା କୌଣସି କାରଣ ବଶତଃ ଆସିପାରୁନ । ଗତବର୍ଷ ୩୭୦ ଧାରା ଉଚ୍ଛେଦର ସମୟ ଥିଲା । ଯଦିଓ ରକ୍ଷା ବନ୍ଧନ ଆଉ ସ୍ୱାଧୀନତା ଦିବସ ଗୋଟିଏ ଦିନରେ ପଡ଼ିଥିଲା ସେଥିପାଇଁ ନିଜ ମନକୁ ବୁଝାଇ ଦେଇଥିଲି । ହେଲେ ଏ ବର୍ଷ ନିଶ୍ଚିନ୍ତ ଆସିବ ବୋଲି ମୋର ବିଶ୍ୱାସ ।

ଫୋନଟା କଟିଗଲା । କି ଭାଇ କ୍ରିସ କାଟିଦେଲା, କିଛି ଜଣାପଡ଼ିଲା ନାହିଁ । ତେଣୁ ମାଆ କ୍ରୀଷ୍ଣାକୁ ବୁଝାଇ କହୁଥାନ୍ତି ବ୍ୟସ୍ତ କାହିଁକି ହେଉଛି । କୋଉଠି କୋଉ ଅବସ୍ଥାରେ ଭାଇ ଥିବ ତୋର । ସୁବିଧା ହେଲେ ପୁଣି ଫୋନ କରିବନି । କ୍ରୀସ କିନ୍ତୁ ଏପଟେ ସାନ ଭଉଣୀକୁ ପୂର୍ବବର୍ଷ ମିଥ୍ୟା ପରିସ୍ଥିତି ଦେଇ ଠକୁଥିବାରୁ ଭାରି ଲଜ୍ଜିତ ଓ ନିରାଶ ମନନେଇ ଫୋନଟି କାଟି ଦେଇଥିଲା । କିଛି ସମୟପରେ ଟିକେ ପ୍ରକୃତିସ୍ଥ ହୋଇ ଆଉଥରେ ଫୋନ୍ କଲା । ବୁଝାଇଲା କ୍ରିସ ତାର ଅତି ଗେହ୍ଲେଇ ସାନ ଭଉଣୀକୁ କି କଥା କହୁଛରେ । ତୋ ହାତରୁ ରାକ୍ଷୀ ପିନ୍ଧିବା ପାଇଁ ମୁଁ କଣ ? ମୋ ସାଙ୍ଗମାନେ ବି ଏହି ଦିନକୁ ଚାତକ ପରି ଚାହିଁ ରହିଥାନ୍ତି ପରା । ତୁ କ'ଣ ଜାଣିନୁ ମୁଁ ତୋ କେତେ ଭଲପାଏ ବୋଲି ? ହେଲେ କଣ କରିବା କହିଲୁ ? ଏ ଚାକିରିଟା ପରା ସେଇଆ। ମୁଁ କିନ୍ତୁ ଚାହିଁଲେ ଛୁଟି ମିଳିଯିବ ସେକଥା ନାହିଁରେ ଦେଶର ସୁରକ୍ଷା ପାଇଁ ଆମେ ସଂକଳ୍ପବଦ୍ଧ ଯେ । ଏ ପୋଷାକ ପିନ୍ଧିବା ବେଳେ ଆମକୁ କିଛି ଶପଥ ନେବାକୁ ହୋଇଥାଏ ପାଗେଳି । ଏ ଭାରତମାତାର ଆମେ ସଭିଏଁ ସନ୍ତାନ । ଆଉ ମାଆର ସମ୍ମାନ, ସୁରକ୍ଷା ଓ ଆମ କର୍ତ୍ତବ୍ୟରୁ ମୁହଁ ଫେରେଇ ନେବା ଯାହା ଲଜ୍ଜାରେ ଆତ୍ମହତ୍ୟା କରିଦେବା ମଧ ଠିକ୍ ସେଇଆ । ଏଭଳି ପରିସ୍ଥିତିରେ ମୁଁ କ'ଣ ପଳାୟନପନ୍ଥୀ ସାଜି, ଭୀରୁ କାପୁରୁଷ ପରି ମୁହଁ ଲୁଚେଇ ଶାନ୍ତିରେ ଘରେ ରହିପାରିବି । ଚାଇନା କି ପାକିସ୍ଥାନଙ୍କ କଥା ତ ଜାଣିଛୁ ଏମାନଙ୍କ ପରି ପଡ଼ୋଶୀ ଦେଶ ଲୋଲୁପ ଦୃଷ୍ଟିରେ ମୋ ମାଆକୁ ଛାଡ଼ିଦେଇ କେମିତି ଯିବ କୁଆଡ଼େ କହିଲୁ ?ସେପଟେ ପୁଣି ସର୍ବଗିଳା ମହାମାରୀ କରୋନା ଭୂତାଣୁ ଆତଙ୍କର ମାୟାଜାଲ କବଳରେ ଆଜି ସାରା ବିଶ୍ୱ ମୁଁ ଆଉ କିଛି ବି କହିବିନି । ମୁଁ ଜାଣେ ମୋ ସୁନା ଭଉଣୀର ଭାରି ବୁଦ୍ଧି । ତୁ କହିଲୁ ଦେଖିବା ମୋର ଏଠି କ'ଣ କରିବା ଉଚିତ ହେବ ?

ଏକା ନିଶ୍ୱାସରେ ସାହାସ ଓ ଧର୍ଯ୍ୟକୁ ଜୁଟାଇ କହି ଚାଲୁଥିବା ଦେଶର ବୀର ଯବାନ କ୍ରୀସର କଥାରେ ବିରାମ ଲାଗିଲା । ଏକ ଅନୁକୂଳ ସମ୍ଭାବନାର ଆଶା ନେଇ । ଉତ୍ତରରେ କ୍ରୀଷ୍ଣା ଏତିକିମାତ୍ର କହିଲା - ହଉ, ମୁଁ ଏଥରକ କେତେଟା ରାକ୍ଷୀ ପଠେଇବି କହିଦିଅ ତାହେଲେ । ତୁମ କ୍ୟାମ୍ପରେ ଉପସ୍ଥିତ ସମସ୍ତେ ତ ପୁଣି ମୋ ଭାଇ ନାଁ । କିନ୍ତୁ ହଁ ପାଉଣା ନନେଇ ଛାଡ଼ିବିନି କାହାରିକୁ ଯେ । ମୋ ପାଉଣା ଟିକକ ଆମ ଭାରତମାତାର ଅସହାୟ ପିଲାମାନଙ୍କ ସହାୟତାରେ ବିନିଯୋଗ କରିଦେବାକୁ ଯେପରି ଭୁଲିବ ନାହିଁ ଯିଏ ଯେଉଁଠି ଅଛ ଭଲରେ ଥାଅ । ନିଜର ଆଉ ଦେଶର ସୁରକ୍ଷାରେ ସଜାଗ ଥାଅ । ରହୁଛି ଭାଇ ବନ୍ଦେ ମାତରଂ ।

ଛବିରାଣୀ ପତି, ମଧଶାସନ, ବିରିଡ଼ି, ଜଗତସିଂହପୁର .

# ପ୍ରଥମ ଚିଠି

- ଦୁଷ୍ମନ୍ତ ବେହେରା

ଧେମାମଣିପୁର ଗାଁରେ ଶହେ ପଚାଶରୁ ଶହେ ଷାଠିଏ ପରିବାର ବାସ କରନ୍ତି । ସେଇ ଗାଁରେ ବାପା ମାଆ ଛେଉଣ୍ଡ ଶୁଭମ ଦିବେଦକରଙ୍କ ଘର । ଦୁଃଖ ଓ ବଞ୍ଚିବା ପାଇଁ ଅନେକ ଯନ୍ତ୍ରଣା କରିଦେଇଥିଲା ଜୀବନରେ । ଅନାଥ ଆଶ୍ରମରେ ଦଶମ ପାସ୍ କରି କଲେଜରେ ସରକାରଙ୍କ ତରଫରୁ ନାମ ଲେଖା ହୋଇଗଲା । କବିତା ଲେଖାରେ ରୁଚି ରହିଥିଲା । ପତ୍ର ଓ ପତ୍ରିକାରେ ପ୍ରକାଶ ପାଉଥିଲା । ନୂଆ ନୂଆ କଲେଜ ଯିବା ଓ ପଇସାର ଅଭାବ ଜୀବନରେ ସାଉଟା ଲୁହ କହି ଦେଇଥିଲା ଏ ଦୁଃଖ ତ ନୁହଁ ଦୁଃଖର ଲହୁ । ଭାଙ୍ଗିଯାଉଥିବା ମନ ଓ ସ୍ୱପ୍ନ ଟିକକ ଯେମିତି ମରିଚିକା ପରି ଲାଗୁଥିଲା ଶୁଭମ ଜୀବନରେ । ଅଭାବ ଅନଟନ ଭିତରେ ରୁଚି ରହିଥିଲା କବିତା ଲେଖିବାରେ । ନୂଆ କଲେଜରେ ନୂଆ ସାଙ୍ଗଙ୍କ ସହିତ ଭେଟ ହୋଇଥିଲା । ....ସାମନ୍ତ ରାୟ ନୂଆକରି କଲେଜ ଆସୁଆସୁ ପ୍ରଥମ ଭେଟ ଶୁଭମଙ୍କ ସହିତ । ଆଖିର ଆଖି ଏ ଚାହାଣି ମନ ମନର ଲେଉଟା ପ୍ରେମ ସତେ ଯେପରି କହୁଥିଲା ତୁମେ ମୋର । ଜ୍ୟୋତି ପଚାରିଲା ତୁମ ନାମ କ'ଣ ?

ଶୁଭମ୍ ।

ଜ୍ୟୋତି ପୁରାନାମ କ'ଣ ?

ଶୁଭମ୍ ଦିବେଦକର ।

ଜ୍ୟୋତି - ଓଃ ଯିଏ କବିତା ଲେଖନ୍ତି ? ଶୁଭମ ହଁ । କଥା ସାରି ନିଜ ନିଜ କ୍ଲାସରୁମକୁ ଚାଲିଗଲେ । କ୍ଲାସରୁମରେ ବସି ଶୁଭମ ପ୍ରଥମ ଚିଠି ଲେଖିଲେ ।

ପ୍ରିୟା ଜ୍ୟୋତି,

ପ୍ରଥମେ ଦେଖିଲି ପ୍ରଥମ ଛବି<br>
ଲେଖୁଛି ମୁଁ ତୁମ ନାମକୁ ନୀତି<br>
କ'ଣ କହିବି ନିଳିମାଖି ଆଖି<br>
ମନ ମୋର ନେଉଛ<br>
ତୁମ ପାଖକୁ ଟାଣି<br>
ତନୁପାତଳିଗୋ ପ୍ରିୟା<br>
ତୁମ ଦେହ ଯୌବନ<br>
ମନ ମୋର ଲାଖିଯାଏ<br>
ତୁମ ରୂପ ମଧୁବନ<br>
ଆସନ୍ତନି ଆମ<br>
ଘର ଆଡ଼େ ବୁଲି<br>
ଦିଅନ୍ତି ତୁମକୁ ମୋର<br>
ପ୍ରେମରେ ଭିଜେଇ ।

ଶୁଭମ ଚିଠିର କାଗଜକୁ ଭାଙ୍ଗି ଜ୍ୟୋତି ପାଖକୁ ଫିଙ୍ଗିଲା କିନ୍ତୁ ବେଞ୍ଚରେ ବାଳି ସାରଙ୍କ ପାଖରେ ପଡ଼ିଲା । ସାର ଖୋଲି ପଢ଼ିଲେ ପ୍ରେମର ଚିଠିଟି ଚାରିଆଡ଼ ଗୁଞ୍ଜରିତ ହୋଇଗଲା । ଜ୍ୟୋତି ଶୁଭମ୍ ।

ଶୁଭମ ଓ ଜ୍ୟୋତି କ୍ଲାସରୁମରୁ ବାହାରି ଚାଲିଗଲେ ଘରକୁ । ସେହିଦିନଠାରୁ ଶୁଭମ ଆଉ କଲେଜକୁ ଆସିଲାନାହିଁ । ଜ୍ୟୋତିର ପ୍ରେମ ଭରା ମନଟି ଯେ ଶୁଭମକୁ ଖୋଜୁଥିଲା । ଦିନରାତିର ଲୁଚକାଳିରେ ଅପେକ୍ଷା କରି ଶୁଭମ ଆଉ ଆସିଲେ ନାହିଁ । ଜ୍ୟୋତି ସ୍ଥିର କଲା ଶୁଭମର ଘରକୁ ଯିବା ପାଇଁ । ଜ୍ୟୋତି ଧେମାମଣିପୁର ଗାଁରେ ପହଞ୍ଚିଲା । ଗାଁର ଜଣେ ଲୋକକୁ ପଚାରିଲା ଶୁଭମ୍ ଦବେଦକରଙ୍କ ଘର କେଉଁଠି । ଲୋକଟି କହିଲା ପାହାଡ଼ତଳେ ଯେଉଁ ଭଂଗା ଚାଳଘର ଦେଖାଯାଉଛି ସେ ହେଉଛି ଶୁଭମ୍ ଦିବେଦଙ୍କର ଘର । ଜ୍ୟୋତି ଚାଲି ଚାଲି ଯାଇ ପାହାଡ଼ ତଳ ଚାଳଘରେ ପହଞ୍ଚିଲେ । ଜ୍ୟୋତି ଦେଖିଲେ ଘର ଟାଟି ଭଙ୍ଗା । ଚାଳ ଭଙ୍ଗା, ମାଟି ପିଣ୍ଡା ବି ଭଙ୍ଗା, ମାଟିର ମାଠିଆଟି ଭଙ୍ଗା, କବାଟ ବି ଭଙ୍ଗା ଜ୍ୟୋତି କବାଟକୁ ଠେଲି କବାଟର କଁକଁ ଶବ୍ଦ ଶୁଣି ଘର ଭିତରକୁ ଗଲା ଦେଖିଲେ ଶୁଭମ ଚୌକି ଉପରେ ବସି କବିତା ଲେଖୁଛନ୍ତି । ଜ୍ୟୋତି ଡାକିଲେ ଶୁଭମ । ଶୁଭମ ଜ୍ୟୋତିକୁ ଦେଖି ତୁମେ ଏଠି କ'ଣ ପାଇଁ ଆସିଛ । ଜ୍ୟୋତି କହିଲା ତୁମ ପ୍ରେମ ମୋତେ ଏଠିକି ଟାଣି ଆଣିଛି ଶୁଭମ । ଶୁଭମ କହିଲା ଜ୍ୟୋତି ତୁମେ ଏପରି ଛିଡ଼ା ହୋଇ କଥା ହେଉଥିବ ନା ଚୌକିରେ ବସିବ । ବସିବା ପାଇଁ ଚୌକି ଦଉ ଦଉ ଚୌକିର ଗୋଟେ

ଗୋଡ଼ଟି ଖସି ପଡ଼ିଲା ଚୌକି ବି ଭଙ୍ଗା । ଜ୍ୟୋତି ଟେବୁଲ ଉପରେ ହାତ ଦଉଦଉ ଟେବୁଲ ଖସିପଡ଼ିଲା । ଟେବୁଲ ବି ଭଂଗା । ତଳେ ପଡ଼ିଯାଇଥିବା କଲମଟିକୁ ଗୋଟାଇ ଜ୍ୟୋତି ଦେଖିରେ କଲମ ବି ଭଙ୍ଗା । ଛଳ ଛଳ ଆଖିର ଲୁହରେ ଶୁଭମ୍ କହିଲେ ଜ୍ୟୋତି ତୁମେ ଚାଲିଯାଅ । ଏ ଯେ କବି କବିତା ଲେଖୁଥିବାର ଘର ଏଠି ସବୁ ଭଙ୍ଗା । ମନଟା ଏପରି ଭାଙ୍ଗି ଯାଇଛି ଯେ ଯୋଡ଼ିବା ବଡ଼ କଷ୍ଟ । ଭାଙ୍ଗି ଯାଇଥିବା ମନ, ଘର, ପ୍ରେମ କ'ଣ ଅଛି ଯେ ତୁମକୁ ଦେଇ ଖୁସି କରିବି । ଜ୍ୟୋତି କହିଲା ଶୁଭମ ଦେଇଥିବା ମନ, ପ୍ରେମ ଭାଙ୍ଗେନି ଶୁଭମ୍ । ତୁମେ କେମିତି ଭଙ୍ଗା ଚାଳଘର ରହିବ ମୁଁ ବି ସେମିତି ଭଙ୍ଗା ଚାଳଘରେ ରହିବି । ତୁମେ ଟେଉଁଠି ରହିବ ଶୁଭମ ମୁଁ ସେଇଠି ରହିବି । କାହିଁକି ନା ତୁମେ ମୋର ପ୍ରଥମ ପ୍ରେମ, ପ୍ରଥମ ଚିଠି, କେମିତି ଭୁଲିବି ତୁମ ପ୍ରଥମ ଚିଠି ଚିଠି ଚିଠି......

ରାସୋଳ, ମୁଣ୍ଡିଆପକ୍ଷି, ଢ଼େଙ୍କାନାଳ ।



# ଗୁରୁ ପୂର୍ଣ୍ଣିମା

- ଅଧ୍ୟାପକ ସୌଭାଗ୍ୟ ରଞ୍ଜନ ମହାପାତ

ଆଷାଢ଼ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିକୁ ଗୁରୁପୂର୍ଣ୍ଣିମା ବୋଲି ପାଳନ କରାଯାଏ । ହିନ୍ଦୁ ପରମ୍ପରାରେ ଆଜିର ଦିନଟିକୁ ବିଶେଷ ଭାବେ ପାଳନ କରାଯାଏ । ଏହି ଦିନଟିର ଅନେକ ଗୁରୁତ୍ୱ ରହିଛି । ଅବସରରେ ଗୁରୁଙ୍କ ପୂଜା ଅର୍ଚ୍ଚନା କରାଯାଏ । ପ୍ରତ୍ୟେକଙ୍କ ଜୀବନରେ ଗୁରୁଙ୍କର ସ୍ଥାନ ସର୍ବଶ୍ରେଷ୍ଠ । ଗୁରୁଙ୍କ ପୂଜା କଲେ ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଆସିଛି । ଆଷାଢ଼ ମାସରେ ପଡୁଥିବା ପୂର୍ଣ୍ଣିମାକୁ ଗୁରୁ ପୂର୍ଣ୍ଣିମା ଭାବେ ପାଳନ କରାଯାଏ ।

ଏହି ଦିବସଟିର ଅନ୍ୟ ଏକ ବିଶେଷ ଗୁରୁତ୍ୱ ହେଲା ଏହି ଦିନ ମହର୍ଷି ବେଦବ୍ୟାସଙ୍କ ଜନ୍ମ ହୋଇଥିଲା । ସେଥିପାଇଁ ଗୁରୁପୂର୍ଣ୍ଣିମାକୁ ବ୍ୟାସ ପୂର୍ଣ୍ଣିମା ବୋଲି କୁହାଯାଏ । ବ୍ୟାସ ଜଣେ ମହାନ୍ ପଣ୍ଡିତ ଓ ବିଦ୍ୱାନ ବ୍ୟକ୍ତି ଥିଲେ । ୪ଟି ବେଦର ରଚନା ସହିତ ସେ ଆର୍ଯ୍ୟ ସଂସ୍କୃତି ପୃଷ୍ଠ ପୋଷାକ ଅଷ୍ଟାଦଶ ପୁରାଣକୁ ମଧ୍ୟ ସେ ରଚନା କରିଥିଲେ । ହିନ୍ଦୁ ଜାତି ସଜ୍ଜନ ମାନଙ୍କ ପଥ ପରିଚାୟକ ତଥା ହୃଦୟ ଆହ୍ଲାଦିନୀ ହୋଇ କମଳ ନାଦିନୀ ନିରନ୍ତର ପ୍ରବାହିତ ପବିତ୍ର ଗଙ୍ଗା ପରି ଶୋଭା ପାଉଥିବା ଆର୍ଷଗ୍ରନ୍ଥ ମହାଭାରତକୁ ମଧ୍ୟ ସେ ରଚନା କରିଛନ୍ତି । ବେଦରେ ବେଦବ୍ୟାସଙ୍କୁ ଆଦିଗୁରୁର ମାନ୍ୟତା ମିଳିଛି । ତେଣୁ ଏହି ଦିନକୁ ସମସ୍ତ ଗୁରୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଇଛି । ଆଜିର ଦିନରେ ଗୁରୁଙ୍କ ପୂଜାର୍ଚ୍ଚନା କଲେ ଜୀବନରେ ସଫଳତା ମିଳିଥାଏ ବୋଲି ଅନେକଙ୍କ ମତ ।

ଭାରତରେ ଗୁରୁଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ପୂର୍ବରୁ ଯେତେବେଳେ ଗୁରୁକୂଳ ଆଶ୍ରମରେ ଶିଷ୍ୟ ଶିକ୍ଷାଦାନ କରାଯାଉଥିଲା, ସେହି ସମୟରେ ଗୁରୁପୂର୍ଣ୍ଣିମାରେ ଶିଷ୍ୟ ନିଜର ଗୁରୁଙ୍କ ପୂଜା ଅର୍ଚ୍ଚନା କରି ଇଚ୍ଛା ମୁତାବକ ଦକ୍ଷିଣା ପ୍ରଦାନ କରୁଥିଲେ । ସେହି ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ଆଜିର ଦିନରେ ଲୋକେ ତାଙ୍କ ଗୁରୁଙ୍କ ପୂଜା କରିଥାନ୍ତି ଏବଂ ତାଙ୍କୁ ନିଜ ଶ୍ରଦ୍ଧା ଅନୁସାରେ ଉପହାର ଦେଇଥାନ୍ତି । ଜୀବନରେ ଗୁରୁଙ୍କ ମହତ୍ତ୍ୱ କହିବା ପାଇଁ ଗୁରୁପୂର୍ଣ୍ଣିମା ପାଳନ କରାଯାଇଥାଏ ।

ଶାସ୍ତ୍ରେ 'ଗୁ' ହେଉଛି ଅନ୍ଧକାର ଏବଂ 'ରୁ' ର ଅର୍ଥଏହାକୁ ରୋକୁଥିବା ବ୍ୟକ୍ତି । ଏହାର ଅର୍ଥ ଅନ୍ଧକାରକୁ ନାଶ କରୁଥିବା ବ୍ୟକ୍ତି । ଗୁରୁ ଆମକୁ ଅନ୍ଧକାରରୁ ଲୋକ ନିଜ ଦିବଂଗତ ଗୁରୁଙ୍କ ଚରଣ ପାଦୁକାକୁ ଧୂପ, ଦୀପ, ପୁଷ୍ପ ଆଦି ଦ୍ୱାରା ପୂଜା କରିଥାନ୍ତି ଏବଂ ତାଙ୍କ ନାଁରେ ବସ୍ତ୍ର ଏବଂ ଦକ୍ଷିଣା ଦାନ କରିଥାନ୍ତି । ସନ୍ତାନ ଜନ୍ମଦେବା କାର୍ଯ୍ୟ ମାଆ ବାପା କରନ୍ତି କିନ୍ତୁ ଜୀବନର ମାର୍ଗ ଦର୍ଶନ କରାଇଥିବା ଏବଂ ସଂସାର ବିଷୟରେ ଅବଗତ କରାଇଥିବା ଗୁରୁ ଅଟନ୍ତି । ଗୁରୁଙ୍କ ବିନା ଜୀବନ ନିରର୍ଥକ । ଜୀବନର ଅଜ୍ଞାନତା ରୂପକ ଅନ୍ଧକାରକୁ ନାଶ କରି ପ୍ରକାଶ ଆଡ଼କୁ ଆମକୁ ଗୁରୁ ନେଇଥାନ୍ତି । ଏଥିପାଇଁ ମହତ୍ତ୍ୱକୁ ଦର୍ଶାଇ ମହାନ ସନ୍ଥ କବୀର ଦାସ କହିଛନ୍ତି –

ଗୁରୁ ଗୋବିନ୍ଦ ଦୋଉ ଖଡ଼େ କାକେ ଲାଗୁ ପାୟ,
ବଲିହାରୀ ଗୁରୁ ଆପନେ ଗୋବିନ୍ଦ ଦିୟୋ ମିଲାୟେ ।

ଅର୍ଥାତ ଭଗବାନଙ୍କଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଗୁରୁଙ୍କର ହୋଇଥାଏ । ପୁଣି ସେ କହନ୍ତନ୍ତି –

ହରି ରୁଠେ ଗୁରୁ ଠୌର ହେ
ଗୁରୁ ରୁଠେ ନହି ଠୌର ।

ଅର୍ଥାତ୍ ଭଗବାନ ରାଗିଲେ ଗୁରୁଙ୍କ ଶରଣ ରକ୍ଷା କରା ଯାଇପାରିବ କିନ୍ତୁ ଗୁରୁ ରାଗିଲେ କେଉଁଠି ଶରଣ ମିଳିବା ସମ୍ଭବ ନୁହେଁ । ମହାମୁନି ଅତ୍ରିଙ୍କ ପତ୍ନୀ ତଥା ପରମ ସତୀ ଅନୁସୂୟାଙ୍କ ସତୀତ୍ୱ ପରୀକ୍ଷା ପାଇଁ ବ୍ରହ୍ମ ବିଷ୍ଣୁ ତଥା ଶିବ ସନ୍ନ୍ୟାସୀଙ୍କ ବେଶ ଧାରଣ କରିଥିଲେ ତଥା ତାଙ୍କୁ ନଗ୍ନ ହୋଇ ଭିକ୍ଷା ଦେବାକୁ କହିଥିଲେ । ମାଆ ଅନୁସୂୟା ନିଜ ପତିବ୍ରତା ଧର୍ମ ବଳରେ ସେହି ୩ଜଣଙ୍କୁ ବାଳକ କରି କ୍ଷୀର ପାନ କରାଇଥିଲେ। ୩ଜଣ ଦେବତା ସତୀ ଅନୁସୂୟାଙ୍କ ଗର୍ଭରୁ ଜନ୍ମ ନେବାର ବଚନ ଦେବା ପରେ ଦୁର୍ବାସା ଶିବ ବିଷ୍ଣୁ ଦତ୍ତାତ୍ରେୟ ତଥା ବ୍ରହ୍ମ ଚନ୍ଦ୍ର ରୂପରେ ଜନ୍ମ ହୋଇଥିଲେ । ଭଗବନ ଦତ୍ତାତ୍ରେୟ ପରମଯୋଗୀ ତଥା ଆଦିଗୁରୁ ଅଟନ୍ତି । ଦକ୍ଷିଣ ଭାରତ ତଥା ମହାରାଷ୍ଟ୍ରରେ ତାଙ୍କୁ ପୂଜା କରାଯାଏ । ଗୁରୁ ପୂର୍ଣ୍ଣିମାରେ ବିଶେଷ କରି ତାଙ୍କୁ ମଧ୍ୟ ପୂଜା କରାଯାଇଥାଏ ।

ଅନେକ ଗୁରୁ ହିଁ ଏହି ପୁଣ୍ୟ ଭାରତ ଭୂମିରେ ଜନ୍ମନେଇ ଶିକ୍ଷା ଓ ସଂସ୍କାରର ଆଲୋକ ମାନବଜାତିର କଲ୍ୟାଣ ସାଧନ କରନ୍ତି । ତେଣୁ ସେହି ସମସ୍ତ ଗୁରୁଙ୍କ ଚରଣରେ କୋଟି ପ୍ରଣିପାତ ।

# ପ୍ରଥମ ଚିଠି

- ରଞ୍ଜନ କୁମାର ବ୍ରହ୍ମା

ସମୟ ଗଡ଼ିଛି । ଯୁବସୁଲଭ ଗୁଣ ଲୁଚିଛି । ସେହିଦିନର ସାଙ୍ଗସାଥୀମାନେ ଆଜି ଆଖ ପାଖରେ କେହି ନାହାନ୍ତି । କେହି କେହି ଫୋନରେ କଥା ପ୍ରସଙ୍ଗରେ ସେହିଦିନର କଥାକୁ ମନେପକାଇ ମନଟିକୁ ସବୁଜ ଓ ରୋମାଣ୍ଟିକ କରିଦିଅନ୍ତି ସୁଜନବାବୁଙ୍କର । ଆଉ ସୁଜନବାବୁ ଏବେବି ନିଜ ପାଖରେ ସାଇତି ରଖିଥିବା ପ୍ରଥମ ଚିଠିର ଅତରବାସ୍ନାକୁ ହୃଦୟଙ୍ଗମକରି ସେ ପ୍ରିୟ ପ୍ରେରକଙ୍କଠୁ ଆଦୌ ଦୂରରେ ନାହାନ୍ତି । ପୋଷ୍ଟବାକ୍ସ ଭିତରୁ ବାହାରି ଷ୍ଟେସନ ବଦଳାଇ ପୋଷ୍ଟମ୍ୟାନର ହାତକୁ ହାତହୋଇ ଆସିଲା ପରି ଗୋପନୀୟ ଭାବେ, ବଡ଼ ଯତ୍ନରେ ଆସି ପହଞ୍ଚିଲା ସୁଜନ ବାବୁଙ୍କ ପାଖରେ ପ୍ରଥମ ଚିଠି । ସାଙ୍ଗମାନଙ୍କ ଏବେ ସେ ନିଜ ଲୋକପାଖରେ ପହଂଚି ଆସ୍ୱସ୍ତି ଅନୁଭବ କରିଛି । କଲେଜର ଶ୍ରେଣୀ କଠୋରୀ ଛାଡ଼ି କମନରୁମକୁ ଆସିଲେ । ତାକୁ ଏକାନ୍ତରେ ଖୋଲି ତା ବାସ୍ନାକୁ ଆଘ୍ରାଣ କରିବେ, ତାକୁ ଖୋଲି ତା ହୃଦୟକୁ ପଢ଼ିବେ, ହେଲେ ତାଙ୍କ ସାଙ୍ଗମାନେ ଏ ଅବସର ଦେଇଛନ୍ତି କେତେବେଳେ? ମନଟି ଛଟପଟ ହେଉଥାଏ । ସେଦିନର ସମସ୍ତ ହନର୍ସ ଓ ଜେନେରାଲ କ୍ଲାସ ଆବସେଣ୍ଟ ରହିଲା । କମନ ରୁମରୁ ଘରକୁ ଫେରିଲେ । ଘରର ଚଳଚଞ୍ଚଳ ପରିବେଶରେ ମନ ଆଦୌ ଲାଗୁନଥାଏ । ଦେଖୁ ଦେଖୁ ସନ୍ଧ୍ୟା ପରେ ଖାଇବାବେଳେ । ବିଚରା ଚିଠି ପୁଣି ସେହି ବହିର ମଝି ପୃଷ୍ଠାରୁ ଅପେକ୍ଷା କରିଥିଲା । ବାବୁଙ୍କ ମନ ଆଉ କୋଉଁଥିରେ ନଥିଲା । ତାଙ୍କର ରାତି ପାଠପଢ଼ା ଅଭ୍ୟାସ କେବେ ନୁହଁ । ତଥାପି ସେ ପଢ଼ିବା ବାହାନାରେ ସମସ୍ତଙ୍କ ଶୋଇବା ସମୟକୁ ଅପେକ୍ଷା କଲେ । ବଡ଼ ଭୟଙ୍କର ପିରିସ୍ଥିତି । କାଳେ କିଏ ଉଠିଯିବେ ଆଉ ଦେଖିନେବେ । ଗୋଟିଏ ପଟେ ପ୍ରଥମଚିଠିର ଆକର୍ଷଣ ଅନ୍ୟପଟେ ଭୟ ଓ ସମ୍ମାନକୁ ଆୟତ୍ତକରିବା କଷ୍ଟକର ବ୍ୟାପାର ଥିଲା । ସୁଯୋଗଉଣ୍ଡି ବହି ଭିତରୁ ଚିଠି ବାହାରକୁ ଆଣିଲେ । ସେତେବେଳକୁ ରାତି ଢ଼େର ହୋଇଯାଇଥିଲା । ଅନିଦ୍ରା ରହିପାରୁନଥିବା ଆଖିରେ ସେଦିନ ନିଦ ହିଁ ନଥିଲା । ଚିଠିର ଆକାର, ସୌନ୍ଦର୍ଯ୍ୟ ଏବଂ ବାସ ପ୍ରେମିକ ହୃଦୟକୁ ଚହଲାଇଦେଲା । ଚିଠି ଉପରେ ହାତବୁଲାଇ ମତୁଆଲା ମନ ଅମାନିଆ ହେଲା । ଅତରର ବାସ୍ନା, ଚିଠିର ଚାରିପାଖରେ ପାନପତ୍ରର ରଙ୍ଗରଙ୍ଗିଆ ଆକର୍ଷଣୀୟ ଚିତ୍ର ଚିଠିର ପରିପାଟିକୁ ଦ୍ୱିଗୁଣିତ କରୁଥିଲା । ବାମ ପାର୍ଶ୍ୱରେ ଲେଖାଥିଲା ଦୋସ୍ତ । ଭିତରେ ପ୍ରେମ ପ୍ରଣୟର ସମ୍ଭାର । ଆଉ ଶେଷରେ ଲେଖାଥିଲା ଦିଲ ମିଲେ ନା ମିଲେ ହାତ ମିଲାତେ ରହନା । ବାରଂମ୍ବାର ପଢ଼ିବା ସତ୍ତ୍ୱେ କିଛି ଛାଡ଼ିଦେଲା ପରି ଅନୁଭବ କରୁଥିଲେ । ପୁଣି ପଢୁଥିଲେ । ଏ ପରିପ୍ରେକ୍ଷୀରେ କୁକୁଟର ଡାକ ଓ ପକ୍ଷୀଙ୍କ କିଚିରି ମିଚିରି ସେହି ସୁନ୍ଦର ରଜନୀ କ୍ଷୀଣ ହୋଇଆସିଥିଲା ସତ, ହେଲେ ତାଙ୍କୁ ଆସନ୍ତା ଦିନମାନଙ୍କରେ ରାତି କାଳରେ ପଢ଼ିବା ଅଭ୍ୟାସକୁ ସୁଦୃଢ଼ କଲା । ସମୟର ସଦୁପଯୋଗ କିରବା ଶିଖାଇଲା । ଏବଂ ସେହି ଅଭ୍ୟାସ ତାଙ୍କ ପରିଶ୍ରମର ଫଳ ଆଣିଦେଲା । ଏବେ ଦୁହେଁ ପରସ୍ପରଠାରୁ ଦୂରରେ ରହିଥିଲେ ବି ସେହି ପ୍ରଥମ ଚିଠି ଭାବକୁ ଖୁବ୍ ନିକଟ ଓ ସୁନ୍ଦର କରୁଛି । ଏହା ତ ଚମତ୍କାର । The Love letter Brings Harmony Always.

# ଭାଗ୍ୟ ସାଜିଲା ଦାଉ

- ସରୋଜ କୁମାର ଜେନା

ପୂଜାର ଆଜି ବାହାଘର । ଭାରି ମନ ଖୁସି ବନ୍ଧୁ ପରିଜନଙ୍କର । ସାଙ୍ଗସାଥୀମାନେ ପୂଜାକୁ ସଜେଇ ଦେଉଥାନ୍ତି । ଏପଟେ ମଙ୍ଗନ ଦିନଠାରୁ ଦିଅ ମଙ୍ଗୁଳି ହେଲାବେଳେ ବାଡୁଅ ପାଣି ଗାଧୋଇଲା ବେଳୁ ପୂଜା ଆଖିରେ ଲୁହ । ଏପଟେ ସାଙ୍ଗମାନେ ପୂଜାକୁ ପଚାରୁଥାନ୍ତି ଆଜି ତୁ କାନ୍ଦୁଛୁ କାହିଁକି ? ଅସଲ କଥା କିନ୍ତୁ ମନରେ ମାରି ରଖିଥାଏ ।

ଏମିତିରେ ଦିନ ବେଳାରେ ବାହାଘର ହେଉଥାଏ । ମନ୍ଦିର ବିବାହ । ଏଥି ନିମନ୍ତେ ସମସ୍ତେ ପ୍ରାୟ ବ୍ୟସ୍ତ ଥାନ୍ତି । ସମୟ ପ୍ରାୟ ୧୨.୦୫ ହେବ ମଧ୍ୟାହ୍ନ । ଠିକ୍ ଏହି ସମୟରେ ବର ଗାଡ଼ି ଆସି ପହଞ୍ଚିଲା ଗୋକୁଳାନନ୍ଦ ମନ୍ଦିର ସମ୍ମୁଖରେ । ଝିଅ ପକ୍ଷରୁ ବରକୁ ପାଛୋଟି ନେଲେ ବନ୍ଦାପନା ରୀତିନିତିରେ । କିଛି ସମୟ ଗଲାପରେ ବିବାହ ଉତ୍ସବ ଆରମ୍ଭ ହେଲା । ଧିରେ ଧିରେ କିଛି ଘଣ୍ଟା ମଧ୍ୟରେ ବିବାହ ଉତ୍ସବ ସମାପନ ହେଲା । ସନ୍ଧ୍ୟା ହେଉ ଆସୁଥାଏ । ମହାନଦୀର ତଟ ଦେଶରେ ପ୍ରଭୁ ଗୋକୁଳାନନ୍ଦ ମନ୍ଦିର । ସ୍ୱୟଂ ଭଗବାନଙ୍କୁ ସାକ୍ଷୀ ରଖି ବୈଦିକ ନୀତିରେ ପୂଜାର ହାତକୁ ସାତ ଜନ୍ମ ପାଇଁ ନୟାଗଡ଼ ଜିଲ୍ଲାର ପଦ୍ମାବତୀଗ୍ରାମର ସୁଶାନ୍ତ ରାଉତଙ୍କ ସୁପୁତ୍ର ରମେଶ ରାଉତଙ୍କୁ ପୂଜା ବିବାହ କଲା ।

ଏଥର ବାରିକ ଭାଇ ଗାଡ଼ି ପାଖରୁ ଡାକ ଛାଡ଼ିଲା ସମୟ ଯିବାର ହେଲାଣି । ସମସ୍ତ ଆସବାବପତ୍ର ନେଉଛି ଗାଡ଼ିକୁ । ଏହା ଶୁଣି ହଠାତ୍ ପୂଜାର ସାନ ବୋଉ ଚେତା ଶୂନ୍ୟ ହୋଇ ପଡ଼ିଲେ । ଠିକ୍ ଏହି ସମୟରେ ତାଙ୍କ ପରିବାର ଲୋକ ତାଙ୍କୁ ପାଣି ମାରି ଚେତା କରିଥିଲେ । ବର ପୁଅ ଯାଇ ଗାଡ଼ିରେ ସମ୍ମୁଖରେ ଛିଡ଼ା ହୋଇଥାଏ । ଧିରେ ଧିରେ ପୂଜା ସମସ୍ତଙ୍କୁ ଧରି କାନ୍ଦିବାକୁ ଲାଗିଥାଏ । ଶେଷରେ ନିଜର ସାନବୋଉକୁ ଧରି ପ୍ରବଳ କାନ୍ଦିଲା ବାହୁନି ବାହୁନି ।

ବିଧିର ବିଧାନ କେ କରିବ ଆନ । ଝିଅ ଜନ୍ମ ପର ଘରକୁ । ଏତେ ଗର୍ଜନଫଟା କାନ୍ଦ ମୁଁ କେବେ ଦେଖି ନଥିଲି ଏମିତି । ମୁଁ ଏମିତିରେ ସମସ୍ତଙ୍କୁ ଦେଖୁଥାଏ କିନ୍ତୁ ପୂଜାର ଜନ୍ମକଲା ପିତା, ମାତାଙ୍କୁ କାଇଁ ପାଇଲି ନାହିଁ । ଯଦିଓ ପୂଜାର ସାନ ଭଉଣୀ ଲିଜା ଓ ତାର ସାନ ଭାଇ ଜଗନକୁ ଦେଖୁଥାଏ । କିନ୍ତୁ ତାର ପିତା ମାତାଙ୍କୁ ପାଇଲି ନାହିଁ । ହଠାତ ଜଣକୁ ପଚାରିଲି ପୂଜାର ବାପା ମା କୁଆଡ଼େ ଗଲେ । ଜଣେ କହିଲା ସେଇବା ତାର ସାନବୋଉ ଆଉ ତାର ଦାଦା ହେଉଛନ୍ତି ତାରି ପିତା' ଓ ମାତା । ମୁଁ କହିଲି ତୁମେ ଏ କଣ କହୁଚ । ମୁଁ କିଛି ବୁଝି ପାରୁନି ।

ଏମିତିରେ ଝିଅ ବିଦା ହେଲା ଶାଶୁ ଘର ଅଭିମୁଖେ । ପ୍ରକୃତ ରହସ୍ୟ କଣ ସଠିକ୍ ଜାଣିବା ପାଇଁ ମୁଁ ଏହି କଥଶ ପୂଜା ମାଉସୀଠାରୁ ବୁଝିଲି । ପ୍ରଥମେ ସେ ମୋତେ ଏହି କଥା ମଙ୍ଗୁ ନଥିଲେ କହିବେ ବୋଲି । ପରବର୍ତ୍ତୀ ପର୍ଯ୍ୟାୟରେ ମୋତେ ସବୁ କଥା କହିଥିଲେ । କହିଲେ ଶୁଣ ସମ୍ବିତ ବାବୁ । ତୁମେ ଏହି କଥା ଶୁଣିଲେ ଭାବ ବିଭୋଳ ହୋଇଯିବ । ମୁଁ ସେଠିକି ସେଦିନ ବିବାହ ଉତ୍ସବକୁ ଅତିଥି ହୋଇ ଯାଇଥିଲି । ଧୀରେ ଧୀରେ ପୂଜା ମାଉସୀ ମୋତେ ସବୁ କଥା ଖୋଲି କହିଲେ । ମୁଁ ମନ ପ୍ରାଣ ଦେଇ ଏହାକୁ ଶୁଣୁଥାଏ ।

ସେଦିନ ଥାଏ ଏକ କଳା ଅନ୍ଧାର ରାତି । କିଛି ଦିନ ପୂର୍ବରୁ କାମ ସାରି ଗାଁକୁ ଫେରିଥିଲେ ପୂଜାର ବାପା । କିଛି କମ୍ପାନୀର ପି.ଏଫ ପଇସା ଧରି ପାଖାପାଖି ଦୁଇ ଲକ୍ଷଟଙ୍କା ହେବ । କିନ୍ତୁ କଣ କରିବା ଯାହା କପାଳରେ ଲେଖା ତାହାକୁ ଭୋଗିବାକୁ ପଡ଼ିବ । ଏମିତିରେ ହଠାତ୍ ଗୋଟିଏ ଦିନ ପୂଜା ବାପାଙ୍କ ଦେହ ପ୍ରବଳ ଖରାପ ହୋଇଗଲା । ତାର ବୋଉ ସୁରଭି ସେତେବେଳକୁ କିଛି ବୁଦ୍ଧି ବାଟ ପାଇଲାନାହିଁ କ'ଣ କରିବ ? ପୂଜାର ବାପା ନାରାୟଣ ନାୟକ । ଛାତି ଛାତି ବୋଲି କହି ଗଡ଼ି ଯାଉଥାନ୍ତି । ଠିକ୍ ଏହି ସମୟରେ ତାର ସାନବୋଉ କିଛି ଟଙ୍କା ଯୋଗାଡ଼ କରି ପ୍ରଥମେ ନରସିଂହପୁର ମେଡ଼ିକାଲ ପରେ ପରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ । କିନ୍ତୁ କଣ ହେବ କିଛି ସମୟ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେ ଦିନ ପୂଜାର ବୋଉ ସୁରଭି ପ୍ରବଳ ଭାଙ୍ଗି ପଡ଼ିଥିଲେ । ସେତବେଳକୁ ପୂଜା ଚରିବର୍ଷର ହୋଇଥାଏ । ତାର ସାନ ଭଉଣୀ ଲିଜା ଦୁଇ ବର୍ଷର ହୋଇଥାଏ ଓ ସାନ ଭାଇ ଜଗନ ମାତ୍ର ଏକବର୍ଷର ହୋଇଥାଏ । ନିଜ ଜନ୍ମ କଲା ପିତାକୁ ହରାଇ ଥାଏ ପୂଜା କିନ୍ତୁ କିଛି ଜାଣିବାର ହୋଇଗଲାଣି । ହଠାତ୍ ଗୋଟିଏ

ଦିନ ସନ୍ତୋଷ ସୁରଭି ସାଥିରେ ଝଗଡ଼ା ଲଗେଇଲା । ଏତେଦିନ ହେଲା ଏଠି ଆସି ରହିଲୁଣି ମୋତେ କିଛି ପଇସା ଦେଉନୁ । ସୁରଭି କହିଲା କେଉଁ ପଇସା । ସନ୍ତୋଷ କହିଲା ଜାଣିନୁ କେଉଁ ପଇସା । ବ୍ୟାଙ୍କରେ ନେଇ ଦୁଇଲକ୍ଷ ଟଙ୍କା ଥୋଇଛୁ । ମୋତେ କହୁଚୁ କୋଉ ପଇସା ? ସୁରଭି କହିଲା ନାଇ ଭାଇ ଯେଉଁ ପଇସା ଥିଲା ତାହା ତାଙ୍କ ଦେହରେ ମେଡ଼ିକାଲରେ ସାରିଛି ଆଉ କିଛି ପଇସା ଥିଲା ଯାହା ପିଲାଙ୍କ ପାଠ ପଢ଼ା ନାନାଦି ଖର୍ଚ୍ଚରେ ସରିଛି । ଆଉ ସ୍ୱଳ୍ପ ପଇସା ବଡ଼ ଝିଅ ବଡ଼ ହେଲାଣି ତାର ନାମରେ ବ୍ୟାଙ୍କରେ ରଖିଛି । ଶେଷରେ ସନ୍ତୋଷ ସୁରଭି କହିଲା ତୁ ଦେବୁ ନା ନାଇଁ କହିଲୁ । ଏହା ଶୁଣି ସୁରଭି କହିଲା ପୂଜାର ବୋଉ ଭାଇ ତୁ ଏ କ'ଣ କହୁଛୁ ମୋତେ କାହିଁକି ଧମକୁଛୁ । ଏତିକି କାହିଁକି କହିଲା ବୋଲି ସୁଭରି କୁ ମାନେ ପୂଜାର ବୋଉକୁ ସନ୍ତୋଷ ବାଡ଼େଇ ବାଡ଼େଇ ମାରିଦେଲା । ବାଡ଼େଇବା ସମୟରେ ବହୁତ ସମସ୍ତଙ୍କୁ ପୂଜା ରକ୍ଷା କରିବା ପାଇଁ ଡାକିଛି । କିନ୍ତୁ ଦାଣ୍ଡ ପଟ କବାଟ ବନ୍ଦ କରିଦେଇଥିଲା ସନ୍ତୋଷ । କିନ୍ତୁ ପୂଜା ଚାଲାଖ ହୋଇ କାହାରି ଏକ ମୋବାଇଲରୁ ତାର ସାନବୋଉକୁ କଲ କରିଥିଲା କିନ୍ତୁ ସେ ଆସିଲାବେଳକୁ ତାକୁ ମାରି ସେହି ଅଗଣାରେ ପୋତି ଦେଇଥିଲା ବଡ଼ ନୃଶଂସ କାମ କରି ନିଜ ଭଉଣୀକୁ ମାରିବାକୁ ପଛେଇଲା ନାହିଁ ସନ୍ତୋଷ । କିନ୍ତୁ ଏହା ଥାନାରେ ଖବର କେହି ପୂଜାର ମାମୁଘର କିମ୍ୱା ତାର ମାଉସୀ କୌଣସି ସମ୍ପର୍କୀୟ ପଚାରିଲେ ନାହିଁ । ପୂଜା ମାଆ ଚାଲିଗଲାପରେ ନିଜର ଦୁଇଟି ପିଲା ସହ ଏହି ତିନି ପିଲାଙ୍କୁ ପାଳନ କରିଥିଲା ପୂଜାର ସାନ ବୋଉ ବାସନ୍ତୀ ।

ଆଜି ସିନା ପିଲାଗୁଡ଼ିକ ମାଆ ଛେଉଣ୍ଡ ଏବଂ ବାପା ଛେଉଣ୍ଡ ହୋଇଗଲେ । କେବେବି ବାସନ୍ତୀ ନାନୀ ତାଙ୍କୁ ସେହି ସ୍ନେହ ମମତାରୁ ଊଣା କରିନି । ମୁଁ ଏକଥା ସବୁ ଶୁଣି ସାରଲା ପରେ ମୋ ଆଖିରୁ ଲୁହ ଧାର ଧାର ହୋଇ ବୋହି ଆସିଲା । ସତରେ ବହୁତ କଷ୍ଟ ଦାୟକ ଘଟଣା । କିନ୍ତୁ ପଚାରିଲି ପୂଜା ମାଉସୀଙ୍କୁ ବାସନ୍ତୀ ମାନେ ପୂଜାର ସାନ ବୋଉ ତୁମ ବଡ଼ ଭଉଣୀ । ପୂଜା ମାଉସୀ ନଳୀମା ହଁ କରିଥିଲେ । ହଁ ସେ ମୋ ବଡ଼ ଭଉଣୀ । ଶେଷରେ ରାତି ବହୁତ ହୋଇ ଆସିଥାଏ ମୁଁ ଘର ବାହୁଡ଼ା ହେଲି କିନ୍ତୁ ତାର ପୂର୍ବରୁ ବାସନ୍ତୀ ଦିଦିଙ୍କୁ ଦେଖା କରି ଆସିଲି କିଛି ସାନ୍ତ୍ୱନା ଦେଲି ମଧ୍ୟ । ଯାଇ ତାଙ୍କ ପାଖରେ ପହଁଚିଲା ବେଳକୁ ଆଖିରୁ ଲୁହ ଝରାଇ କାନ୍ଦୁଥାନ୍ତି । ମୁଁ ବୁଝେଇ କହିଲି କଣ କରିବା ଦିଦି ତୁମ ଭଳି ମା ଏହି ଦୁନିଆରେ ସମସ୍ତଙ୍କୁ ମିଳୁ । କିନ୍ତୁ ଝିଅ ଜନ୍ମ କରିଛେ ଦିନେ ନା ଦିନେ ପର ଘରକୁ ଯିବ । ଆଉ ତୁମର ପଣତର ଛାଇ ତଳେ ସେ ବଡ଼ ହୋଇ ଆଜି ପୂଜା ଶାଶୁଘର ଗଲା । ତାହା ତୁମର ମହାନତା । ମୁଁ ଈଶ୍ୱରଙ୍କୁ ଡାକୁଛି ପୂଜାକୁ ଭଲରେ ରଖନ୍ତୁ । ଆଉ ଏହି ସଂସାରରେ ତୁମ ଭଳି ମା ସଭିଙ୍କ ଭାଗ୍ୟରେ ଯୁଟୁ । ଏତିକି କହି ମୁଁ ତାଙ୍କ ପାଦ ସ୍ପର୍ଶ କରି ମୁଣ୍ଡିଆ ମାରି ଘର ବାହୁଡ଼ା ହେଲି ।

ମନ୍ତବ୍ୟ – ଦୁନିଆରେ ସବୁ ମା ଯଦିଓ ଏମିତି ହେବେ ଆଜି ସମାଜରେ ଏହି ଭଳି କିଛି ନିରୀହ ଅନାଥ ପିଲା ନିଶ୍ଚିତ ତାଙ୍କର ସବୁ ଦୁଃଖ ଭୁଲିଯିବେ । କିନ୍ତୁ ଯେଉଁଠି ସନ୍ତୋଷଭଳି ଭାଇ ମିଳିବେ । ସେହି ଭଳିଆ ଘଟଣା ଦେଖିଲେ ତୁରନ୍ତ କେସ ଫାଇଲ କରନ୍ତୁ ପୋଲିସ ଥାନାରେ ।

ବାଲିଝରୀ, ନରସିଂହପୁର, କଟକ ।

# ଭୋକ

- ସୁଭଦ୍ରା ରାଉତ

ନିଦରୁ ଉଠି ଛୋଟ ଗୁଲୁଗୁଲିଆ ଓଠ ଟିଏରେ ହାଇ ମାରି ଦେଇ ମଇଳା ପକ୍କା ଉପରେ ବସି ତା ମା'କୁ ଖୋଜି ହେଉଥିଲା ରାଜୁ । ସୂର୍ଯ୍ୟ ସେତେବେଳକୁ ପ୍ରଖର କିରଣ ଧରି ସାରିଲେଣି । ପାଖରେ ପଡ଼ିଥିଲା ବିଛଣାଟିଏ ଯେଉଁଥିରେ ରାଜୁ ଆଉ ତା ମା ଏକାଠି ଶୁଅନ୍ତି । ଧୂଳି ବାଲିର ପକ୍କା ଉପରେ ପଡ଼ିଥିବା ବିଛଣାଟି ଥିଲା ରାଜ ମା'ର ଗୋଟେ ଚିରା ଲୁଗା । ସେଇଟା ପୁଣି ଦେଖିବାକୁ ଖୁବ କୋତରା ସତେ ଯେପରି ବହୁଦିନ ହେବ ସାବୁନପାଣି ସେଥିରେ ବାଜିନି । ପାଖରେ ପୁଣି ପଡ଼ି ଯାଉଥିଲା ଯିବା ଆସିବା ଲୋକଙ୍କର ପାନଛେପ, ଆଉ ଜରି । ୩ବର୍ଷ ବୟସର ରାଜୁ ତାର ଛୋଟ ଛୋଟ ଗୋଡ଼ ଯୋଡ଼ିକରେ ଅଧା ଚେକା ମାଲିପକେଇ ଦେଇ ସେଠାରେ ବସି ପଡ଼ିଥିଲା । ଦେହରେ ଥିଲା ଖଣ୍ଡିଏ ସାର୍ଟ । ଯୋଉଟା ମଇଳା ହେଇ ପାଉଁଶିଆ ରଙ୍ଗର ଦିଶୁଥିଲା । ସେଥିରେ ପୁଣି ସବୁ ବୋତାମ ଛିଡ଼ିଯାଇ କେବଳ ୨ଟି ବୋତାମ ଲାଗିଛି । ମୁଣ୍ଡରେ ଅଲଗା ବଲରା ନୁଖୁରା ବାଳ ଯେମିତି ବହୁ ଦିନରୁ ତେଲ ଛୁଇଁନି । ରାଜ ଠାରୁ ଚାରି ହାତ ଦୂରରେ ପେଁ ପାଁ ହରେନ ମାରି ଦ୍ରୁତ ବେଗରେ ଚାଲିଯାଉଥିଲବା ଗାଡ଼ି ମାନଙ୍କର ପବନରେ ଖାଇସାରି ପକେଇ ଦେଇ ପଳେଇ ଥିବା ଲୋକଟିର ବିସ୍କୁଟ ଜରି ଖଣ୍ଡକ ଉଡ଼ିଆସି ପଡ଼ିଲା ରାଜୁ ପାଦ ପାଖରେ । ଝଟକରି ଧରି ପକାଇଲା ସେ ତାର କୋମଳ ପାପୁଲି ଯୋଡ଼ିକରେ । ପାପୁଲି ଦୁଇଟିରେ ପୁଣି ଧୂଳି ମାଟି ସବୁ ,ପରି ଲାଗି ରହିଥିଲା ଯେପରି କିଛି ଦିନ ହେବ ପାପୁଲି ଯୋଡ଼ିକ ପାଣି ଠାରୁ ଖୁବ୍ ଦୂରରେ ରହିଛି ।

ଉଡ଼ି ଆସିଥିବା ବିସ୍କୁଟ ଜରିଟିକୁ ମୁହଁ ପାଖକୁ ଆଣି ରାଜୁ ତାର କୁନି କୁନି ନିରିହ ଆଖି ଯୋଡ଼ିକରେ ନିରିଖୀ ଚାହିଁ ଦେଖିଲା ଜରି ଭିତରକୁ । କିଛି ଗୋଟେ ଅମୂଲ୍ୟ ଜିନିଷଟେ ପାଇଗଲାପରି ସେ ତାର କଁଳିଆ ପାପୁଲି ଗୋଟିକୁ ପୁରାଇ ଦେଲା ଜରି ଭିତରକୁ । ଜରି ଭିତରେ ବଳକା ରହିଯାଇଥିବା ବିସ୍କୁଟର ଗୋଟେ ଛୋଟ ଖଣ୍ଡଟିକୁ ଆଣି ଖୁବ୍ ସହଜରେ ଖାଇ ପକାଇଲା । ପୁଣି ଜରିଟିରେ ଲାଗି ରହିଥିବା ବିସ୍କୁଟର ଗୁଣ୍ଡକୁ ଟିକି ପାପୁଲିରେ ଆଣି ନପାରି ନାଲି ଗୁଲୁଗୁଲୁ କୁନି ଜିଭଟିରେ ଚାଟି ପକାଇଲା ଜରି ଭିତରକୁ । ଖାଇସାରି ସୁଖିଲା ମୁହଁଟିରେ ସାମାନ୍ୟ ଟିକେ ହସଟିଏ ଆଣି ପକାଇଲା । ସୂର୍ଯ୍ୟଙ୍କର କିରଣ ସେତେବେଳକୁ ଖୁବ ପ୍ରଖର ହେଇ ସାରିଥିଲା । ରାସ୍ତା କଡ଼ରେ ବସି ରହିଥିବା ରାଜୁର ମଳିଆ ମୁହଁଟି ଖରା ଗରମରେ ଝାଳୁଆ ହୋଇ ବେଶ୍ ଉଜ୍ୱଳ ଦିଶୁଥିଲା ସେତେବେଳେ । ପାଖରେ ସେ ସମୟରେ ତା ମା ନଥିବାରୁ ଏକା ଏକା ବସି ଖୁବ୍ ବିରକ୍ତ ହୋଇଯାଉଥିଲା ରାଜୁ । ତେଣୁ ପାଖରେ ପଡ଼ିଥିବା ତା ମା'ର ଭିକମଗା ଫଟା ଡାଟିଆକୁ ତଳେ ତିନିଚାରିଥର ପିଟି ଦେଇ ତା ମା ପରି ଲୋକଙ୍କ ଆଡ଼କୁ ଖାଲି ଡାଟିଆକୁ ଦେଖାଇ ପକାଇଥିଲା । କିଛି ସହୃଦୟ ଲୋକ ସେ ଖାଲି ଡାଟିଆ ଧରି ତା ମାକୁ ଖୋଜିବା ପାଇଁ ବସିଥିବା ଜାଗାରୁ ଉଠି ଚାଲିଲା ଆଗକୁ ଆଗକୁ । ତାତି ଯାଇଥିବା ପକ୍କା ରାସ୍ତା ଉପରେ କାଳିଆ ପାଦ ଯୋଡ଼ିକ ପଡୁଥିବାରୁ ବେଶ୍ କଷ୍ଟ ହେଉଥିଲା ତାକୁ । କିଛି ବାଟ ଏମିତି ଚାଲୁଚାଲୁ ଦେଖିଲା ତା ମା'କୁ ଯିଏକି ରାସ୍ତା ଉପରେ ପଡ଼ି ରହିଥିଲା ବେସାହାରା ଭାବରେ । ବହୁଦିନରୁ ଭୋକ ଉପାସର ଜ୍ୱାଳାରେ ସେତେବେଳକୁ ସେ ପ୍ରାଣ ହରେଇ ସାରିଥିଲେ ଓ ତାଙ୍କର ଛିଡ଼ା ହୋଇଥିଲେ ଦୁଇ ଚାରି ଲୋକ । ଦୂରରୁ ରାଜା ତା ମା'କୁ ଦେଖିପାରି ଟିକି ପାପୁଲିଟିରେ ଧରିଥିବା ଡାଟିଆଟିକୁ ତଳକୁ ପକାଇ ଦେଇ ଛୋଟିଆ ଛୋଟିଆ ଗୋଡ଼ ଦୁଇଟିକୁ ସହଳ ସହଳ ପକାଇଯାଇ ପହଞ୍ଚିଲା ତା ମୃତ ମା ପାଖରେ । ଲୋକଙ୍କ ଉପସ୍ଥିତି କ୍ରମେ ବଢ଼ି ବଢ଼ି ଚାଲୁଥିଲା । କେହି ଠିଆହୋଇ ଏସବୁ ଦେଖୁଥାଏ ତ କେହି ଟିକେ ଚାହିଁ ଦେଇ ପଳାଇଯାଉଥାଏ । ରାଜ ତା ମା' ପାଖରେ ପହଞ୍ଚି ହୋସ ମାରିଲାପରି ବସି ପଡ଼ିଲା । ଆଉ ଉଠି ପଡୁଥିବା ଅଲରା କେଶକୁ ତା ମା ମୁହଁରୁ ସଜାଡ଼ି ପକେଇ ତା ମା'ର ଶୁଖିଲା ଠକ ଠକ ଓଠଟିରେ ଗେଲଟିଏ କରି ଦେଇ ଖନି ଖନି ପାଟିରେ ଡାକଟାଏ ଦେଲା...ମା'...

ତା ମା ପାଖରୁ କିଛି ପ୍ରତିଉତ୍ତର ନପାଇ ନିଜର ଦୁଇ ହାତରେ ହଲେଇ ତା ମା'କୁ ଉଠେଇବାକୁ ଚେଷ୍ଟା କରୁଥିଲା ରାଜୁ । ପାଖରେ ରୁଣ୍ଡ ହୋଇଥିବା ଲୋକମାନଙ୍କ ଆଡୁ ଭାସି ଆସୁଥିଲା ଗୋଟିଏ ଶବ୍ଦ, ଆହା ଆହା.......

ସ୍ନାତକୋତ୍ତର ପ୍ରଥମ ବର୍ଷ (ଓଡ଼ିଆ)

# ମୁଁ ଅଭିଶପ୍ତ କିନ୍ନର

- ସରୋଜ କୁମାର ଜେନା

ଦୀର୍ଘ ଦୁଇବର୍ଷ ତଳର କଥା । ମୁଁ ଆଉ ମୋର ସାଙ୍ଗ ସୁଦାମ ଦୁଇ ସାଙ୍ଗ ମିଶି ଚାକିରି କରିବା ନିମନ୍ତେ ମିଲିଟାରୀ ପରୀକ୍ଷା ଦେବାପାଇଁ ବାରିପଦା ରେଳଯୋଗେ କଟକରୁ ବାହାରି ଯାଇଥିଲୁ ।

ସନ୍ଧ୍ୟା ଛଅ ଘଟିକା ସମୟରେ ରେଳ ବାରିପଦାରେ ପହଞ୍ଚିବ ଏହି କଥା ଜାଣି ସୁଦାମ ଟିକିଏ ଶୋଇ ପଡ଼ିଥାଏ । ମୁଁ କିନ୍ତୁ ଜାଗ୍ରତ ହୋଇଥାଏ । କାହିଁକି ନା ରେଳରେ ପ୍ରାୟ ଚୋରି ହୁଏ । ଏମିତିରେ ଆମେ ତ ପରୀକ୍ଷା ଦେବା ପାଇଁ ଯାଇଥାଉ ସେଥିପାଇଁ ଆମ ନିକଟରେ ପ୍ରାୟ ସବୁ ପ୍ରମାଣପତ୍ର ଥାଏ । କାଳେ ଚୋରି ହୋଇଯିବ ବୋଲି ମୁଁ ସଜାଗ ହୋଇ ବସିଥାଏ ।

ହଠାତ୍ କିଛି ସମୟ ଯାଇଛି ପ୍ରାୟ ସେତେବେଳେକୁ ରେଳ ଯାଜପୁର ଦେଇ ଆଗକୁ ଯାଉଥାଏ । ହଠାତ ଆଉ ବଗିରୁ କିଛି କୋଳାହଳ ସୁଭିଲା । ଠିକ୍ ଦୁଇମିନିଟ ପରେ ଆମ ବଗିରେ କିଛି କିନ୍ନର ଶ୍ରେଣୀର ଲୋକ ଚଢ଼ିଲେ । ସମସ୍ତଙ୍କୁ ପଇସା ମାଗି ମାଗି ଆସୁଥାନ୍ତି । ତାଙ୍କ ମଧ୍ୟରୁ ପ୍ରାୟ ପାଞ୍ଚଜଣ ଥିଲେ । ଏଥିରୁ ତିନିଜଣ ପଇସା ମାଗି ମାଗି ଆଗ ବଗିକୁ ଚାଲିଗଲେ । ଆଉ ଦୁଇଜଣ ଆମ ବଗିରେ ଥାନ୍ତି ।

ମୁଁ ପ୍ରାୟ ଶୁଣିଥିଲି ସେମାନେ ପ୍ରାୟ ହଇରାଣ କରନ୍ତି ଲୋକମାନଙ୍କୁ । କିନ୍ତୁ ମୋ ଆଖି ସମ୍ମାନରେ ଯାହା ଘଟିଗଲା ତାହା କହିଲେ ନସରେ । ସେଦିନ ମୁଁ କିଛି ଅପ୍ରିତିକର ଘଟଣା ଦେଖି ମୋତେ ଭାରି ଦୁଃଖ ଲାଗିଲା । ଘଟଣା ଏମିତି ହେଲା । ଶେଷରେ ମୁଁ ସେହି ଘଟଣାରେ ସଂପୃକ୍ତ ଥିବା ଜଣେ କିନ୍ନରକୁ ପାଖକୁ ଡାକିଲି ଆଉ ସେ କିନ୍ତୁ ଅଶ୍ରୁଭରା ଚକ୍ଷୁରେ କାନ୍ଦି ହେ ଜଗନ୍ନାଥ ହେ ଜଗନ୍ନାଥ ବୋଲି ମହାପ୍ରଭୁଙ୍କୁ ଡାକୁଥାଏ । ମୁଁ ପଚାରିଲି ବାବା ତୁମ ଘର କେଉଁଠି । ଦେଖିବାକୁ ବହୁତ ସୁନ୍ଦର ଲମ୍ବା କେଶ ସଂଗତେ ହାତରେ କିଛି ନୋଟକୁ ଭାଙ୍ଗି ଧରିଥାଏ । ସିନ୍ଥିରେ ସିନ୍ଦୂର ହାତରେ ଶଙ୍ଖା ତାସହିତ ଏକ ସୁନ୍ଦର ଶାଢ଼ୀ ପିନ୍ଧିଥାଏ ସେହି କିନ୍ନର । ଅତି ବାଧ୍ୟ କରି ମୋ ରାଣ ଦେଇ ପଚାରିବାରୁ । ମୋତେ ତାର ସମସ୍ତ ବିଷୟରେ ଅବଗତ କରାଇଲା ।

କହିଲା ମୋ ଘର ଜଗସିଂହପୁର । ନାମ ଅଭିଷା । ମୁଁ କହିଲି ତୁମ ପ୍ରକୃତ ନାମ କୁହ । କହିଲା କାହିଁକି ତୁମେ ଏତେ କଥା ପଚାରୁଛ । ମୁଁ କହିଲି ଆରେ ତୁମେ ଭାବିନିଅ ଜଣେ ଆତ୍ମୀୟ । ଏହା ଭାବି ମୋତେ ତୁମ କଥା କୁହ ।

ଧିରେ ଧିରେ ତାର ସବୁ କଥା ଖୋଲି ମୋତେ କହିବାକୁ ଲାଗିଲା କିନ୍ନର ଅଭିଷା । କହିଲା ବାପା ନିଧିଚରଣ ଗୋଛି । ମାତା-ନିରୂପମା ଗୋଛି । ଦୁଇ ଭଉଣୀର ମୁଁ ଅତି ଗେଲବସରିଆ ଗୋଟିଏ ପୁଅ ଥିଲି । ବାପା ଦେଇଥିଲେ ନାମ ଅଭିଲାଷ ।

ମୁଁ ସେଠୁ ପଚାରିଲି ସବୁତ ଠିକ୍ ଥିଲା ଏମିତି ଏହି କିନ୍ନର ହେବାର କ'ଣ କେମିତି ମନ ବଳେଇଲା । ଏହି କଥା ମୋ ଠାରୁ ଶୁଣି ସେଦିନ ଅଭିଷା କହିଲା - ଶୁଣ କେହି କୋଉଟା ଜାଣି ଜାଣି କରନ୍ତି ନାହିଁ । ସମୟ ସ୍ରୋତରେ ସବୁ ଆପେ ବଦଳି ଯାଏ । ମୁଁ ପିଲାଟି ଦିନରୁ ଦିଦିମାନଙ୍କ ସହିତ କୁତୁକୁତୁ ଖେଳେ । ଦିଦି ମାନଙ୍କ ଜାମା ପିନ୍ଧେ । ପାଉଁଜି ପିନ୍ଧେ, ପାଦରେ ଅଳିତା ଲଗାଏ । ସେତେବେଳେ ସିନା ଛୋଟ ଥିଲି କେହି କିଛି କହୁ ନଥିଲେ । ଧୀରେ ଧୀରେ ବୟସ ବଢ଼ିଲା । ମୋତେ କାହିଁକି ଧୀରେ ଧୀରେ ମୋ ଭିତରେ ପରିବର୍ତ୍ତନ ହେଲାଭଳି ମନ ହେଲା । ହାଇସ୍କୁଲରେ ମୋ ରଙ୍ଗ ଢ଼ଙ୍ଗ ଦେଖି ପିଲା ମୋତେ ମାଇଚିଆ ବୋଲି ଡାକୁଥିଲେ । ଓଠାରେ ବେଳେବେଳେ ଦିଦିର ଲିପଷ୍ଟିକ୍ ଲଗେଇ ଯାଉଥିଲି ହେରି ହେକି କେହି କେବେଳ କେବେ ମୁଁ ଗାଟେ ଝିଅ ଭାବି ମୋ ପ୍ୟାଣ୍ଟ ଖୋଲି ଦେଖନ୍ତି ମଧ୍ୟ । ମୋତେ କିନ୍ତୁ ଭାରି ଲାଜ ଲାଗେ । ଏହି କଥା କିନ୍ତୁ ଘରେ ଲାଜରେ କହେନି । ହାଇସ୍କୁଲ ସରିବା ପାଇଁ ବାକି ଥାଏ ମାଟ୍ରିକ ପରୀକ୍ଷା । ଦିନେ ବାହାରୁ କୁଆଡ଼େ ବାପା ଶୁଣିକି ଆସିଲେ ନିଧିଚରଣ ଗୋଛି ପୁଅଟା କୁଆଡ଼େ ମାଇଚିଆ ହୋଇଗଲାଣି । ଏହି କଥା ବାହାରୁ ଶୁଣି ବାପା ମୋତେ ଭାରି ମାରିଥିଲେ । କିନ୍ତୁ କ'ଣ ହେବ ବିଧିର ବିଧାନ ଯିଏ ତ ଯେଉଁ ଥିରେ ବନ୍ଧା । କଲେଜ ଜୀବନ ଆରମ୍ଭ ହେଲା । ସେତେବେଳେ ମୋତେ ଲମ୍ବା ଚୁଟି ରଖିବା ଧୀରେ ଧୀରେ ଇଚ୍ଛା ହେଲା । ପରେ ପରେ ମୋତେ ପ୍ରାୟ ସବୁଦିନ

ଶାଢ଼ି ପିନ୍ଧିବାକୁ ଇଚ୍ଛା ହେଉଥାଏ ବୋଲି ଅଭିଷ୍ଟା କହୁଥାଏ । ମୁଁ ତାର କଥା ସବୁ ଶୁଣୁଥାଏ । ଏମିତିରେ ଆଉ ତାର ପୁଅହୋଇ ବଞ୍ଚିରହିବାରେ ଜମାରୁ ଇଚ୍ଛା ନଥାଏ ।

ଧୀରେ ଧୀରେ ଦିଦି ଶାଢ଼ି ପିନ୍ଧିବା ଦେଖି ଦିନେ ନିଧୁମ ମାଡ଼ ମାରି ମୋତେ ବାପା ଘରୁ ବାହାର କରିଦେଲେ । ଏହି ଭିତରେ ଦୁଇ ଦିଦିର ବାହାଘର ସରିଯାଇଥାଏ । ଘରେ ମୋ ଉପରେ ବାପା ବହୁତ ଆଶା କରିଥିଲେ ମୁଁ କିଛି ଘର ପାଇଁ କରିବି । କିନ୍ତୁ କ'ଣ କରିବି ବାହାରେ ମୋର ଚିହ୍ନ ବୋଲି କେହି ନଥିଲେ । ରକ୍ଷି ବାପାଙ୍କ ମାଡ଼ ଗାଳି ଶୁଣି କଟକ ପଳାଇ ଆସିଲି । ଆସି କିଭଳି ବଞ୍ଚିବି ବୋଲି ଭାବି ପାରିଲିନି । ଏମିତି ବୁଝାବୁଝି କରି ଜଣକ ବାବୁ ଘରେ ରହିଲି ବାସନ ମାଜୁଥାଏ । କିନ୍ତୁ ଏହା ପରେ ଯାହାହେଲା ତୁମେ ଶୁଣିଲେ ବହୁତ କଷ୍ଟ ଦାୟକ । ମୁଁ ଅଭିଷ୍ଟାକୁ ପଚାରିଲି କଣ କୁହ । ସେ କହିଲା ମୋତେ ଡରାଇ ମୋର ସେହି ମାଲିକ ମୋ ସହିତ ବହୁତ ବାର ଦୁଷ୍କର୍ମ କଲେ । ଏହା ମୋତେ ଭଲ ଲାଗିଲାନି । ସମୟ ଦେଖି ସେଠୁ ମୁଁ ପଳାଇ ଆସିଲି । ଆଉ ଆସି ଏମିତି ଗୋଟେ ଦିନ ରାତିରେ ମନ ଦୁଃଖରେ ବସିଥାଏ । କିଛି ଟୋକା ମୋତେ ଜବରଦସ୍ତ ଗଣ ଦୁଷ୍କର୍ମ କଲେ । ମୋତେ ବହୁତ କଷ୍ଟ ହୋଇଥିଲା ବୋଲି କହିଥିଲେ । ଏହି କଥା ଅଭିଷ୍ଟା କଟକ ଥାନାରେ ଅଭିଯୋଗ କଲା କିନ୍ତୁ କିଏ ଶୁଣିବ ଓଲଟି ତାର କଥାକୁ ଥଟ୍ଟାରେ ଥାନାବାବୁ ଉଡ଼େଇ ଦେଇଥିଲେ ।

ଧୀରେ ଧୀରେ ଚଳିବା ପାଇଁ ଭାରି କଷ୍ଟଦାୟକ ହୋଇପଡ଼ିଲା ଅଭିଷ୍ଟା ପାଇଁ । ଏମିତି କେତେଦିନ ପେପର ବିକିଛି କିନ୍ତୁ ପେପର ମାଲିକ ମୁଁ ଗୋଟେ ମାଇଚିଆ ବୋଲି ମୋତେ କାର୍ଯ୍ୟରୁ ବାହାର କରିଦେଲେ । ଧୀରେ ଧୀରେ କିଛିଦିନ ଗଲାପରେ ସୁମତି ଅପା ଦେଖା ହେଲେ ଆମ ସମ୍ପ୍ରଦାୟର ସେ ମୋତେ ଦେଖି ତାଙ୍କ ପାଖରେ ନେଇ ରଖିଲେ ଆଉ ତାଙ୍କ ଆରଧ ଦେବୀଙ୍କୁ ସବୁ କାର୍ଯ୍ୟକରି ମୋତେ ଶଙ୍ଖା ସିନ୍ଦୁର ପିନ୍ଧାଇ ଦେଲେ ଆଉ ମୋତେ କିଛି କାର୍ଯ୍ୟ କରିବାକୁ କହିଲେ । ତୁମେ ଭାବୁଥିବ ମୁଁ ଯେଉଁ ଶଙ୍ଖା ସିନ୍ଦୁର ପିନ୍ଧିଚି ଏହା ବୋଧେ କାହାକୁ ବିବାହ କରିଛି ନା ଏହା ଆମର ଏକ ପରମ୍ପରା । ସେଠୁ ସୁମତି ଅପା ପାଖରେ କିଛି ପିଲା ଥିଲେ ସେମାନେ ସବୁ ଦେହ ବ୍ୟବସାୟ କରିଥାନ୍ତି । ମୋତେ ଯଦିଓ ଇଚ୍ଛା ନଥାଏ ବଞ୍ଚିବାକୁ ବାଧ ହୋଇ ଏହାକୁ ଆପଣେଇ ନେଇଥିଲା କିଛି ଦିନ ପାଇଁ ବୋଲି ଅଭିଷ୍ଟା କହିଲା । ମନେ ମନେ ସବୁ ବେଳେ ଭାବେ ମୁଁ ଜଣେ ଉଚ୍ଚ ଶିକ୍ଷିତ ହୋଇ ଆଜି ମୁଁ ଏ ସବୁ କରୁଛି । କିନ୍ତୁ କ'ଣ ହେବ । ମୁଁ ତ ଜଣେ କିନ୍ନର ଏହା ଭାବି ପୁଣି ସବୁ ସହି ଯାଏ । ଦିନେ ଏମିତିରେ ଘର କଥା ମନେ ପଡ଼ିଥିଲା । ଆଉ ଗାଁକୁ ଗଲି ଟିକିଏ ବାପା ବୋଉଙ୍କୁ ଦେଖିବି ବୋଲି କିନ୍ତୁ ମୋତେ ବାପା ଘରେ ପୂରାଇ ଦେଲେନି । କିନ୍ତୁ ସେତେବେଳକୁ ବାପାଙ୍କ ଦେହ ବହୁତ ଅସୁସ୍ଥ ଅଭିଷ୍ଟା ଦେଖିବାକୁ ପାଇଥିଲାବୋଲି ମୋତେ କହୁଥାଏ । ତାର ବାପାଙ୍କର ଗୋଟିଏ କିଡ଼ିନି ଖରାପ ହୋଇ ଯାଇଛି ବୋଲି ଖବର ପାଇଥିଲା । କିନ୍ତୁ ସେଦିଦ ଅଭିଷ୍ଟା ତାର ବାପାଘରେ ପୂରାଇ ଦେଇନଥିଲେ । ନିଜର ବାପାଙ୍କୁ ନଦେଖି ବହୁତ ନିରାଶ ହୋଇ ଫେରିଥିଲା । କିଛି ଦିନ ନିଜ ବଡ଼ ଦିଦିକୁ ବାପା ଓ ମାଆଙ୍କୁ ନଜଣେଇ କିଛି କିଛି ଟଙ୍କା ବି ଦେଉଥାଏ ବାପାଙ୍କ ଚିକିତ୍ସା ନିମନ୍ତେ । କିନ୍ତୁ କିଛିଦିନ ଗଲାପରେ ତାର ବାପା ଆରପାରିକୁ ଚାଲିଗଲେ । ଶେଷରେ ନିଜ ଜନମ କଲା ବାପା ମୁହଁରେ ମୁଖାଗ୍ନି ଦେଇ ପାରିନଥିଲା । ସେ ଦିନ ଏହି କଥା ଶୁଣି ମୁଁ ବି ବହୁତ ମନ ଦୁଃଖ ଲାଗିଥିଲା । ଆଉ କିଛି କଥା କହିଲା ମଧ୍ୟ ଆଉ ଶେଷରେ ଏହି ଦେହ ବ୍ୟବସାୟରୁ ନିବୃତ ରହି ଆଜି ରେଳରୁ ପଇସା ଭିକ୍ଷା କରି ଚଳୁଛି । କିନ୍ତୁ ଆମର ବି ମନ ଅଛି ସମାଜରେ ଭଲରେ ଚଳିବା ପାଇଁ । କିନ୍ତୁ ଏ ସମାଜ ଆମକୁ ଘୃଣା କରେ । ଆମ ମଧ୍ୟରେ ବି ଶିକ୍ଷିତ ଅଛନ୍ତି । ଯଦିଓ ଆକୁ ସେମିତି କିଛି ସୁବିଧା ସୁଯୋଗ ମିଳନ୍ତା ଆମେ ବି ସତ ଉପାୟରେ କିଛି ପଇସା କମାଇ ନିଜେ ଆତ୍ମ ନିର୍ଭରଶୀଳତା ହୋଇପାରନ୍ତୁ । ଶେରେ ମୁଁ ଅଭିଷ୍ଟାକୁ ପଚାରିଲି ଏହି ଯେଉଁ ବଗିରେ ପଇସା ମାଗିଲାବେଳେ ତୁମକୁ ସେ ଯେଉଁ ବିହାରି ଲୋକଟି ବାଡ଼େଇଲା କାହିଁକି । ସେ ଅଭିଷ୍ଟା କହିଲା କଣ କହିବି ସମସ୍ତେ ଭାବନ୍ତି ଆମ କିନ୍ନରମାନେ ସମସ୍ତେ ଖରାପ । କିନ୍ତୁ ଏହା ବିଲକୁଲ ଭ୍ରାନ୍ତ ଧାରଣା । ତଥାପି ଆମେ ସମାଜରେ ବଞ୍ଚିଛୁ । କାରଣ ସମସ୍ତେ ଖରାପ ନୁହନ୍ତି ଏଇ କେତେକ ଯୋଗୁ ସମସ୍ତେ ଆଜି ହଇରାଣ ହେଉଛନ୍ତି । ତଥାପି ମୋ ଭାଗ୍ୟରେ ତ ଏଭଳି ଲେଖା ଅଛି କଷ୍ଟ ଦୁଃଖ ସହିବାର କାରଣ ମୁଁ ଗୋଟେ ଅଭିଶପ୍ତ କିନ୍ନର ।

ଏହି କଥା ଶୁଣି ମୁଁ କହିଲି ନା ନା କିଏ କହିଲା ତୁମେ ଭାରି ସାହସୀ ଆଉ ଧର୍ଯ୍ୟବାନ । ମୁଁ ବି ଅଭିଷ୍ଟାକୁ କହିଲି ମୁଁ ପ୍ରଥମେ ଭାବିଥିଲି ତୁମ ମାନଙ୍କ ପ୍ରତି ବିତୃଷ୍ଣା ଭାବ ଆସେ କିନ୍ତୁ ତୁମମାନଙ୍କ ହୃଦୟ ବହୁତବଡ଼ । ଏହି କଥା ଶୁଣି ଅଭିଷ୍ଟା କହିଲା

ନା ନା ଆଜି ତୁମେ ନଥିଲେ କ'ଣ ଯେ ହୋଇଥାନ୍ତା ମୁଁ ଠିକ୍ ଜାଣି ପାରୁଛି । ମୁଁ କହିଲି ନା ନା ତାହା ମୋର କର୍ତ୍ତବ୍ୟ ଥିଲା । ପ୍ରକୃତ କଥା ହେଉଛି ସେଦିନ ଯେଉଁ ଅପ୍ରୀତିକର ଘଟଣା ଘଟିଥିଲା ସେହି ବଗିରେ ଯଦିଓ ମୁଁ ନଥାନ୍ତି ଆଉ ମୋର ସାଂଗ ସୁଦାମ ତାହେଲେ ଆଜି ଆରପାରିରେ ଅଭିଷ୍କା ଥାନ୍ତା । ପଇସା ମାଗିବାରୁ ତାକୁ ଜଣେ ବିହାରି ରେଳରୁ ଠେଲି ଦେବାକୁ ବସିଥିଲା ଆଉ ପ୍ରବଳ ଗଣ୍ଡଗୋଳ ବି କରିଥିଲା । ଏହି ସମୟରେ ମୁଁ ତାଙ୍କୁ ମୋ ପାଖକୁ ଆଣି ସବୁ ପଚରି ବୁଝିଥିଲି । ଶେଷରେ ଖୁସିରେ ଅଭିଷ୍କାକୁ ଶହେ ଟଙ୍କା ଦେଇଥିଲି । ଯଦିଓ ତାହା ସେ ନେଉନଥିଲେ ମୁଁ ବାଧ୍ୟ କରି ଦେଇଥିଲି । ଆଉ କହିଥିଲି କିଛି ଭଲ କାମ କରି ସମାଜରେ ରୁହ । ଏହି କଥା ଶୁଣି ମୋତେ ଗୋଟିଏ ଦୁଇ ଟଙ୍କିଆ ମୁଣ୍ଡିଆ ମାରି ମୋତେ ଉପହାର ଭାବେ ଦେଇଥିଲେ । ଶୁଣିବାକୁ ପାଇଥିଲି ଏହି ପଇସା ଭାରି ଶୁଭଦାୟକ ହୋଇଥାଏ । ଆଉ କହିଥିଲେ ଜଗନ୍ନାଥ ମଙ୍ଗଳ କରନ୍ତୁ । ମୁଁ ପାଲଟାରେ କହିଥିଲି ତୁମରି ବି ଠାକୁର ମଙ୍ଗଳ କରନ୍ତୁ । କାହିଁକି ନା ସଂସାରରେ ଜନମ ହୋଇଛେ ବୋଲି ଖାଲି ପୁରୁଷ ଓ ନାରୀ ଜାତି ବଞ୍ଚିବ ତାହା ନୁହେଁ ତୁମେ କିନ୍ନର ସମାଜ ବି ଭଗବାନଙ୍କ ସୃଷ୍ଟି । ସ୍ୱୟଂ ଶିବ ବି ଅର୍ଦ୍ଧନାରୀଶ୍ୱର ଅବତାର ହୋଇଥିଲେ । ତେଣୁ ତୁମେ ମାନେ ବି ଜଣେ ଜଣେ ମନୁଷ୍ୟ ସମାଜର ବ୍ୟକ୍ତି ବିଶେଷ । ଏହି କଥା ଶୁଣି ସେଦିନ ଅଭିଷ୍କା କହିଥିଲା ନା ନା ମୁଁ ବା ଜଣେ ଅଭିଶପ୍ତ କିନ୍ନର । ଏହି ସମୟରେ ରେଳ ଯାଇ ବାରିପଦା ଷ୍ଟେସନରେ ପହଞ୍ଚି ଯାଇଥିଲା ଆଉ ଆମେ ଆମ ବାଟରେ ଗଲୁ ସେ ଅଭିଷ୍କା ଟା ଟା କରି ରେଳରେ ଚାଲିଗଲେ ।

ବାଲିଝରୀ, ନରସିଂହପୁର, କଟକ ।




# କେନ୍ଦ୍ରାପଡ଼ା ଜିଲ୍ଲା ସଫଳ କୃଷି ତଥା ଚାଷୀ

- ଶ୍ରୀଯୁକ୍ତ ରଜନୀକାନ୍ତ ଦାସ

ଧୂଳିମାଟିର ଘୋସରା ମଣିଷଟିଏ ଯାହାକୁ ଦେଖିଲେ ଲାଗେ ନିପଟି ମଫସଲିଆ ଶାନ୍ତ ସରଳ ନିଷ୍କପଟ ହୃଦୟରେ ଯାହାକଥା ହୁଅନ୍ତି ସତେ ଯେପରି ଲାଗେ ସାମ୍ପ୍ରତିକ ସମାଜରୁ ଦୂରରେ ରହିବା ବ୍ୟକ୍ତିତ୍ୱଟିଏ । ସେ ଆଉ କେହି ନୁହନ୍ତି ରଜନୀକାନ୍ତି ଦାସ କେନ୍ଦ୍ରପଡ଼ା ଜିଲ୍ଲାରେ ଅତ୍ୟାଧୁନିକ ଜ୍ଞାନ କୌଶଳ ଭିତ୍ତିକ ବହୁବିଧ କୃଷିକାର୍ଯ୍ୟ କରିବାରେ ଦକ୍ଷତା ପ୍ରତିପାଦନ କରି ରାଜ୍ୟରେ ଜଣେ ଅଗ୍ରଣୀ କୃଷକ ଭାବେ ଉଲ୍ଲେଖନୀୟ ସ୍ଥାନ ଗ୍ରହଣ କରିଛନ୍ତି । ବଜ୍ରକିଠିନ ଶୀଳା ପୃଷ୍ଟରେ ଶିଳ୍ପୀର ନିହାଣଧାର ଫୁଲ ଫୁଟେଇଥିବା କୁଶଳୀ ହସ୍ତର କାଉଁରୀ ସ୍ପର୍ଶରେ ଉପର ଅନୁର୍ବ ଭୂମିରେ ସ୍ୱର୍ଣ୍ଣପମ ଶସ୍ୟର ନବଦ୍ୟୋୟ ଘଟେ । କୃଷି ନିର୍ମାଣ କଳାର ଦେବଶିଳ୍ପୀ ବିଶ୍ୱକର୍ମାଙ୍କର ସୁସାଧନା ଓ ସିଧି କୃଷି ଜ୍ଞାନ ଚତୁରଭାର ସ୍ୱର୍ଣ୍ଣଭ ସୂଚୀ ଫଳକ ଅନ୍ନ ଉତ୍ପାଦନ କରି ପରୋକ୍ଷରେ ସେ ହୋଇଛନ୍ତି ଅନ୍ନବ୍ରହ୍ମର ଉପାସକ, କୃତି ସାଧନାର ମହାନ ବ୍ରଜଧାରୀ ବ୍ରହ୍ମଚାରୀ ସେଥିଲାଗି ବହୁ ସରକାରୀ ଓ ବେସରକାରୀ ସଂସ୍ଥା ତରଫରୁ ପୁରସ୍କୃତ ମଧ୍ୟ । ସେଇ ସମ୍ମାନୀୟ ବ୍ୟକ୍ତିଙ୍କ ସହ ସାକ୍ଷାତକାର କରିଛନ୍ତି ଆମ ପ୍ରତିନିଧି ପ୍ରତାପ ସ୍ୱାଇଁ ।

୧ମ ପ୍ରଶ୍ନ - ଆପଣ କୃଷିକୁ ବୃତ୍ତି ଭାବେ ଗ୍ରହଣ କଲେ କାହିଁକି ?

ଉ - ମୁଁ ୨୩ବର୍ଷ ଚାଷ କଲାପରେ ଦେଖିଲି ଯେ ଏଥିରୁ ମଧ୍ୟମ ଧରଣର ରୋଜଗାର ହେଉଛି । ଯେହେତୁ ମୋର ସମନ୍ୱତ କୃଷି ଅଛି ତେଣୁ ଗୋଟିଏ କ୍ଷତି ହେଲାବେଳେ ଅନ୍ୟଟି ତାକୁ ଭରଣା କରୁଛି ତେଣୁ ଚାଷରେ ସବୁ ବର୍ଷ ଉଣା ଅଧିକେ ଲାଭ ହେଉଛି । ତା ଛଡ଼ା ଆମେ କିଛି ମାତ୍ରାରେ କେବଳ କୃଷି ଆରମ୍ଭ କରନ୍ତୁ । ଜୈବିକ କୃଷିରେ ଉତ୍ପାଦନ ହେଉଥିବା କୃଷି ସାମଗ୍ରୀ ଅଧିକା ଟଙ୍କାରେ ବିକ୍ରି ହେଉଛି ତ ଏହାର ମାର୍କେଟିଙ୍ଗ ଭଲ ଅଛି ।

୨ୟ ପ୍ରଶ୍ନ - କେନ୍ଦ୍ରାଜିଲ୍ଲାରେ କେଉଁ ଚାଷ କଲେ ଚାଷୀ ସଫଳ ହେବ ?

ଉ - କେନ୍ଦ୍ରାପଡ଼ା ଜିଲ୍ଲାର ଭୌଗଳିକ ବ୍ୟବସ୍ଥା ଯାହା ଏଠାରେ ଉପକୂଳ ଲୁଣାମାଟି ଏବଂ ୨/୩ ବ୍ଲକରେ ମଟାଳ ମାଟି, ମାଛଚାଷ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଅନୁକୂଳ । ଲୁଣା ଅଞ୍ଚଳରେ ଜୈବିକ ଧାନଚାଷ ହୋଇପାରିବ ସମୁଦ୍ର ଉପକୂଳ ଅଞ୍ଚଳରେ ପ୍ରଚୁର ମାଛଚାଷ ହୋଇପାରିବ ।

୩ୟ ପ୍ରଶ୍ନ - ଅଧିକ ଅମଳକ୍ଷମ ବିହନ ଓ ରାସାୟନିକ ସାର ଓ କୀଟନାଶକ ଦ୍ୱାରା ଚାଷୀ କିଭଳି ଉପକୃତ ହେଉଛ ?

ଉ - ଅଧିକ ଅମଳକ୍ଷମ ବିହନ ଓ ରାସାୟନିକ ସାର ଔଷଧ ବ୍ୟବହାର କଲେ ଭଲ ଅମଳ ମିଳି ପାରିବ ମାତ୍ର ଏହା ମାଟି ମଣିଷ ଓ ପରିବେଶ ପାଇଁ ଅନୁକୂଳ ନୁହେଁ ଏବେ ଜୈବିକ କୃଷି ଉପରେ ଗୁରୁତ୍ୱ ଦିଆଯାଉଛି । ତେଣୁ ସମସ୍ତେ ଜୈବିକ କୃଷି ଉପରେ ଗୁରୁତ୍ୱ ଦେଲେ ଭଲ ।

୪ର୍ଥ ପ୍ରଶ୍ନ - ବର୍ତ୍ତମାନ ଚାଷୀମାନଙ୍କ ନିକଟକୁ ଆଧୁନିକ ଜ୍ଞାନକୌଶଳ ଯୋଗେଇ ଦେବାକୁ କେନ୍ଦ୍ରାପଡ଼ାରେ କିଛି ଅସୁବିଧା ହେଉଛି କି ?

ଉ - ନା, କେନ୍ଦ୍ରାପଡ଼ା ଜିଲ୍ଲାରେ କୃଷି ଉଦ୍ୟାନ କୃଷି, ମତ୍ସ୍ୟ ଓ ପଶୁପାଳନ ବିଭାଗ ତରଫରୁ ବହୁତ ତତ୍ପରତା ଦେଖଣଯାଉଛି । ତା ଛଡ଼ା କୃଷି ବିଜ୍ଞାନ କେନ୍ଦ୍ର ମଧ୍ୟ ଚାଷୀମାନଙ୍କୁ ନେଇ ବହୁବିଧ କାର୍ଯ୍ୟକ୍ରମ କରୁଅଛି । ଚାଷୀମାନେ ସେମାନଙ୍କ ସହ ସମ୍ପର୍କ ରଖିଲେ ନୂତନ ଜ୍ଞାନ କୌଶଳ ଓ ସରକାରୀ ସାହାଯ୍ୟ ବାବଦରେ ଅବଗତ ହୋଇପାରିବ ।

୫ପ୍ରଶ୍ନ - ଆପଣ କରୁଥିବା ସମନ୍ୱିତ କୃଷି ଏବେଳା କୃଷକମାନଙ୍କ ପାଇଁ କେତେ ଆବଶ୍ୟକ ?

ଉ - ଏକକ ଫସଲ ନୀତିକୁ ଛାଡ଼ିବାକୁ ପଡ଼ିବ, ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗର ଅନିୟମିତତା ତଥା ଅନ୍ୟାନ୍ୟ ଅସୁବିଧା ପାଇଁ ଏକକ ଫସଲ ପାଇଁ ଅନୁକୂଳ ନୁହେଁ, ତେଣୁ ସମନ୍ୱିତ କୃଷି କଲେ ଗୋଟିଏ ଫସଲ କ୍ଷତି ହେଲେ ଅନ୍ୟ ଫସଲରୁ କ୍ଷତି ଭରଣ କରିହେବ ।

୬. ପ୍ରଶ୍ନ - କ'ଣ ପାଇଁ ଏ ବେକାର ଯୁବ ସମାଜ ଚାଷ ପ୍ରତି ଅନାଗ୍ରହ ପ୍ରକାଶ କରୁଛନ୍ତି ?

ଉ - ପୂର୍ବ ପରମ୍ପାରିକ ଚାଷ ପଦ୍ଧତିକୁ ଆଶିଂକ ଭାବେ ଛାଡ଼ିବାକୁ

ହେବ । ଯାନ୍ତ୍ରିକ କୃଷି ପଦ୍ଧତି ଆପଣେଇ ନେଇ ଚାଷ କଲେ ଲାଭର ଆଶା ଅଛି । ବର୍ତ୍ତମାନ ଯୁବ ସମାଜମାନଙ୍କ ସଠିକ ଜ୍ଞାନକୌଶଳ ଯୋଗାଇ ଦେଲେ ସେମାନେ କୃଷିକୁ କୃଷି ଭାବେ ଗ୍ରହଣ କରିବେ । ଦ୍ବିତୀୟରେ ବଜାର ସମସ୍ୟା ଓ ସଂରକ୍ଷଣ ସମସ୍ୟା ଏହା ଉପରେ ସରକାର ଦୃଷ୍ଟି ଦେଲେ ଯୁବ ସମାଜ କୃଷିକୁ ବୃତ୍ତି ହିସାବରେ ଆପଣେଇ ପାରିବେ ।

୭ ପ୍ରଶ୍ନ - କୃଷି କାର୍ଯ୍ୟ ପାଇଁ ଆପଣ ପ୍ରେରଣା କେଉଁଠୁ ପାଇଲେ ?

ଉ - ମାନସିକ ସ୍ତରରେ ନିଷ୍ପତ୍ତି ଥିଲା ଯେ କୃଷି କରିବି ବୋଲି ପ୍ରଥମେ ୫ ଏକର ଜାଗାରେ ପୋଖରୀ ଖୋଳି ମାଛ ଚାଷ ଆରମ୍ଭ କଲି ପରେ ପରେ କେନ୍ଦ୍ରାପଡ଼ା ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଜିଲ୍ଲା ପ୍ରାଣୀଧନ ଅଧିକାରୀ ସର୍ବପରି ଜିଲ୍ଲା, କୃଷି ଅଧିକାରୀଙ୍କ ଠାରୁ ପରାମର୍ଶ ଓ ପ୍ରେରଣା ପାଇଥିଲି ।



# ସମୟ

- ପ୍ରଞ୍ଜାଲିନ ସାହୁ

ସମୟ ଏକ ଅମୂଲ୍ୟ ସମ୍ପଦ । ସିଏ କାହାକୁ ଅପେକ୍ଷା କରେନାହିଁ ସତ କିନ୍ତୁ ବେଳବେଳେ ଚେତାବନୀ ଦେଇଯାଏ ମୁଁ ତ ପୃଥିବୀ ପରି ଗୋଲାକାର ଭାବେ ଘୂରି ଚାଲିଛି ଯଦି ଚାହୁଁଛ କୋଉ ପଛ ସମୟର କିଛିଟା ଅଭୁଲା ସ୍ମୃତି ମନେ ରଖିବା ଲାଗି ତାହେଲେ ମୁଁ ମନେ ପକାଇ ଦେବି । ମୋର ଘର ହେଲା ବାରଟା ଛୋଟ କୋଠରୀ । ଯିଏ କି ତିନି ଶହ ପଅଁସଠି ଖଣ୍ଡ ପଥରରେ ଗଢ଼ା, ଆଉ ସେଇ କୋଠରୀ ଭିତରେ ମୁଁ ସମସ୍ତଙ୍କ ଦୁଃଖ ଆଉ ସୁଖକୁ ସାଉଁଟି ନେଇ ନିରାପଦରେ ରଖିଥାଏ । ମା ଯେପରି ତା ପିଲାକୁ ବାରଂମ୍ବାର ଖାଇବାକୁ କହୁଥିବ, ପାଠ ପଢ଼ିବାକୁ କହୁଥିବ, ଭଲ ମଣିଷ ହେବାକୁ ଉପଦେଶ ଦେଉଥିବ ଇତ୍ୟାଦି ସବୁ । ମୁଁ ସେଇପରି ମା ନିର୍ଜୀବ ହୋଇପାରେ ସତ ରକ୍ତ ମାଂସରେ ଗଢ଼ା ନହୋଇଥାଉ ପରେ ପାଠ ପଢ଼ି ନଥାଇପାରେ, ତଥାପି ମୁଁ ବୁଝିପାରେ ମଣିଷର ଅବସ୍ଥା । ସେଥିଲାଗି ପ୍ରତି ମୁହୂର୍ତ୍ତରେ ତାକୁ ଅବଗତ କରାଏ ଭଲ ଆଉ ମନ୍ଦ ବେଳେ ମଣିଷ ଭୁଲିଯାଏ ପଛ ଦୁଃଖ ଦେଖି ଖୁସି ଆଡମ୍ବରର ଜୀବନ ଏତେ ଅହଂ ଆସିଯାଏ ତା ମନରେ ମୋତେ ଯଦି କେବେ ଦେଖିନିଏ ଭାବେ ସତେ ଯେପରି ମୁଁ ତା ଲାଗି ଅଲୋଡ଼ା । ହେଲେ କ'ଣ ହେବ ମୁଁ ତ ମା ତେଣୁ ତା କଥାକୁ କାନିରେ ଗଣ୍ଠି ପକାଇ ରଖେନାହିଁ । ଖାଲି ହସିଦେଇ ପଳାଏ ଗୋଟେ କୋଠରୀରୁ ଅନ୍ୟ କୋଠରୀକୁ ।

କେହି ଜଣେ କହିଥିଲେ ଭଗବାନ ସବୁ ସହନ୍ତି କିନ୍ତୁ ଅହଂ କାହାର ନୁହେଁ । ସେଥିଲାଗି ଯେତେବେଳେ ସେଇ ମଣିଷର ଅହଂକୁ ଭଗବାନ ଭାଙ୍ଗି ଚୁନା କରିଦିଅନ୍ତି ସେତେବେଳେ ନିଜ ଲୋକ ବି ତା ସାଥିରେ ରୁହନ୍ତିନି । ଏମିତି କି ନିଜ ଜନ୍ମଦାତା ତେଣୁ ସେ ସେଇ ସମୟରେ ମୋ ପାଖକୁ ଫେରିଆସି ବହୁତ କାନ୍ଦେ ଆଉ ପଶ୍ଚାତାପ କରେ ତା ଭୁଲର । ମୁଁ ତ ଏମିତି ଗୋଟେ ନିର୍ଜୀବ ଦୁର୍ବଳିଆ ମା ତାର ସେଇ ଦୁଃଖ ଦେଖି ରହିପାରେନି ପୁଣି ଆଶରା ଦେଇ ଦିଏ କୋଳରେ । ମୁଣ୍ଡରେ ହାତ ରଖି ଆଉଁସି ପୁରୁଣା ସମୟର ଅନୁପଯୋଗ ବିଷୟରେ ବୁଝାଏ । ଆଉ କୁହେ ସେ ସମୟ ତ ଫେରିବନି କିନ୍ତୁ ସେ ସ୍ମୃତିକୁ ତୁ ଗଢ଼ିବାକୁ ଚାହିଁଲେ ତୁ ଏଇ ନୁଆ ସମୟରେ ତାଳ ଦେଇ ଆଗକୁ ଯିବାକୁ ପଡ଼ିବ । ମନରେ ତୋତେ ଏକାଗ୍ରତା ଆଣି ନିଜେ ନିଜର ସ୍ମୃତିକୁ ସରସ ଭାବେ ଗଢ଼ିବାକୁ ପଡ଼ିବ । ହଁ ମନେ ରଖିବୁ ତୋତେ ବଡ଼ ସଫଳତା ମିଳିଲେ ଗର୍ବ କରିବୁନି କି ଛୋଟ ମିଳିଲେ ମନ ଦୁଃଖ କରିବୁନି କିନ୍ତୁ ତୁ ତୋ କର୍ମ କରିଚାଲିବୁ ମୋର ସଦୁପଯୋଗ ନେଇ, ଛୋଟ ହେଉ ବା ବଡ଼ ସଫଳତା ଯାହା ବି ମିଳିବ ହୃଦୟ ସହ ଆପଣାଇ ଅହଂ ଛାଡ଼ି ଚଳିବୁ । ଦେଖିବୁ ସୁଖି ହିଁ ରହିବୁ । ତୋର ସେଇ ସୁଖ ସଂସାର ଦେଖି ଯେପରି ମୁଁ ଆଉ ଅଲଗା ମଣିଷ ତୋ ପଛରେ ଗୋଡ଼ାଇବୁ କିନ୍ତୁ ତୁ ଆମ ପଛରେ ନୁହେଁ ।

# ପ୍ରେମ

- ସୁଜାତା ସାହ

ସୂର୍ଯ୍ୟର କିରଣ ଯେମିତି ପୃଥିବୀ ପୃଷ୍ଠର ସମସ୍ତଙ୍କ ଉପରେ ନୀରବିଚ୍ଛିନ୍ନ ଭାବରେ ପଡ଼ିଥାଏ । ଠିକ୍ ସେହିପରି ପ୍ରେମ । ପ୍ରେମ ଜାତି, ଧର୍ମ, ଉଚ୍ଚ. ନୀଚ, ରୂପ, ରଂଗ କିଛି ଦେଖେନି । ଏଇ ଅଢ଼େଇ ଅକ୍ଷର ଶବ୍ଦର ମହତ୍ୱ ସମସ୍ତଙ୍କ ଜୀବନରେ ଆସେ । କେହି କେହି ଦୃଷ୍ଟିର ଅନ୍ତରାଳେ ରହିଯାନ୍ତି ଆଉ କେହି କେହି ହୃଦୟ ଉପରେ ଚାବି ପକେଇ ସାବଧାନ ରୁହନ୍ତି । ହେଲେ ହୃଦୟରେ ଯେତେ ଚାବି ପକେଇଲେ ବି ସ୍ପନ୍ଦନ ଚାଲି ଥାଏ । ପ୍ରେମ ସବୁବେଳେ ସତ୍ୟ ।।ସ୍ୱତ ଆଉ ଚିରନ୍ତନ । ଆଜିକାଲି ଏଇ ପ୍ରେମ ଶବ୍ଦଟିର ଅର୍ଥର କିଛି ମୂଲ୍ୟ ନାହିଁ । ହେଲେ ସିଏ ପ୍ରକୃତପ୍ରେମୀ ତାକୁ ଏଇ ରୋଗଟି ଏମିତି କଷ୍ଟ ଦିଏ । ପ୍ରେମର ଅନ୍ୟ ନାମ ତ୍ୟାଗ । ପାଇବା ଆଶାରେ ପ୍ରେମ କରାଯାଏନି । ପ୍ରେମ ଏକ ମିଠା ଅନୁଭବ । ଦର୍ଶନ ଆଉ ତ୍ୟାଗର ବିଷୟ । ପ୍ରେମ କେବଳ ଶାରୀରିକ କାମନାପ୍ରାପ୍ତିର ଶସ୍ତା ବିଷୟ ବସ୍ତୁ ନୁହେଁ ।

ଆମ ଗାଁ ସ୍କୁଲରେ ଆମେ ଦି'ଜଣ ପଢୁଥାଉ ସ୍ନେହା ଆଉ ମିଟୁ । ସେତେବେଳେ ସେ ମୋର ସବୁଠୁ ଭଲ ସାଂଗ ଥିଲା । ସ୍କୁଲରୁ ଆସିଲା ମାନେ ଆମେ ଖେଳରେ ମାତୁ । ସନ୍ଧ୍ୟାବେଳେ ଆମେ କେତେ ଭାତ ଡାଲି କରି ଖେଳୁ । କେତେ କାନ୍ଦୁଅ ହେଇ ମାଡ଼ ଖାଉ । ମୋ ଘର ପାଖରେ ମଙ୍ଗଳା ମନ୍ଦିରର ଚାନ୍ଦିନୀ । ଆମେ ସେଇଠି କିଛି ବର୍ଷ ବୋହୂଚୋରି ଅମୃତ ଲୁଚାଲୁଚି ଏମିତି କେତେ କ'ଣ ଖେଳୁ । ସେ ସବୁବେଳେ ଆମ ଘରକୁ ଆସେ । ସବୁବେଳେ ମୋ ଘରେ ବଡ଼ନାନୀମାନେ ତାକୁ ମତେ ଚିଡ଼ାନ୍ତି । ମୁଁ କହେ ସେ ମୋ ସାଂଗ ପିଲା । ଏମିତି ଦିନେ ମୋ ବାପାଙ୍କର ବଦଳି ହେଇଗଲା । ଆମେ ପଳେଇଆସିଲୁ କଟକ ସହର । ସବୁ ସହରଠୁ କଟକ ଟିକେ ନିଆରା । ଯୋଉଁଠି ଭଡ଼ାରେ ରହୁଥିଲୁ ସେଠି ବହୁତ ବଡ଼ ବଗିଚା ଥିଲା ଠିକ୍ ଆମ୍ବଗଛରେ ବସି କୋଇଲି ବୋବଉ ଥାଏ ସତେ ଯେପରି ଆମ ଗାଁ । ହେଲେ ସ୍ନେହା କଥା ବହୁତ ମନେ ପଡୁଥାଏ । ନୂଆ ଆସିଥିବାରୁ ମୋର ବି କେହି ସାଂଗ ନଥାନ୍ତି ।

ମତେ ବି ଖେଳିବାକୁ ଇଚ୍ଛା ହୁଏନି । କିଛିଦିନପରେ ନୂଆ ସାଂଗମାନଙ୍କ ସାଂଗରେ ଖେଳେ । ସେତେବେଳେ ଆମ ଘରେ ଲ୍ୟାଣ୍ଡଲାଇନ ଫୋନ ଥିଲା । ତାଙ୍କ ମା ଆଉ ମୋ ମା ମଝିରେ ମଝିରେ କଥା ହୁଅନ୍ତି । ହେଲେ ମୁଁ କେବେ କଥା ହୁଏନି । ଦଶମ ପରୀକ୍ଷା ଫଳ ବାହାରିଲାଦିନ ଆମେ ଦି'ଜଣ କାହାର କେତେ ମାର୍କ ଅଛି କଥା ହେଇଥିଲୁ । ତା'ପରେ ବେଳେ ବେଳେ କେବେ କଥା ହେଇଯାଉ । ତା ପରେ କଲେଜ ଲାଇଫ୍ ଏମିତି ଧୀରେ ଧୀରେ କଥା ହେବା ବଢ଼ିଲା । ସେ ବି ଏମିତି ପଚାରେ ତୋର କେତେଟା ଝିଅ ସାଂଗ । ମୁଁ ବି ତାକୁ ପଚାରେ । କେଜାଣି କେମିତି ଯା ଭିତରେ ମୁଁ ତାକୁ ଭଲପାଇ ଯାଇଥିଲି । ସେ ବି । କିନ୍ତୁ ଝିଅମାନେ ତ କେବେ ଆଗେ କହିବେନି । ପରେ କହିବେ ତମେ ମୋ ପଛରେ ପଡ଼ିଥିଲ । ମୁଁ ନୁହେଁ । ପ୍ଲସ ଟୁ ରେ ମୁଁ ତାକୁ ଭାଲେଣ୍ଟାଇନ୍ ଡେ'ରେ ପ୍ରପୋଜ କରିଥିଲି । ସେ ଗାଳି ଦେଲା ପରେ ଖୁସିରେ ମୋ ପାଦ ତଳେ ଲାଗୁନଥାଏ । ସତରେ ପ୍ରେମର ରଂଗ ନିଆରା । ଇନ୍ଦ୍ରଧନୁର ସାତରଂଗରୁ ବି ବହୁତ ଅଲଗା । କବିର କବିତା, ଗାଳ୍ପିକର ଗଳ୍ପ ବହୁତ ଉପରେ । ସେ ଅନୁଭୂତିକୁ କହିହେବ ନାହିଁ । ପ୍ରେମ କାହା ପାଇଁ ପାଉଁଶ ତଳର ନିଆଁ ତ କାହାପାଇଁ ଏକ ଉଚ୍ଛୁଳା ନଈର ସ୍ୱର୍ଶ । ତା'ର ପ୍ରକୃତ ଆଦୃତ କେହି ନ କରି ପାରିଲେ ବି କାହିଁ ସେ ସବୁବେଳେ ସାଇତା । ବୁଢ଼ୀ ଅସୁରୁଣୀର ପେଡ଼ିରେ ଥିବା ଅହେତୁକ ଦୁର୍ବଳତା ଆଉ ଅଦ୍ଭୁତ ରହସ୍ୟ । ପ୍ରେମର ଅର୍ଥ ବୁଝିବା ସହଜ ନହେଲେ ବି ପ୍ରେମିକକୁ ଦେଖି ଠଉରେଇ ହୁଏ । ମୁକ୍ତ ଆକାଶର ବିହଙ୍ଗ ହବାକୁ ମନ ଚାହେଁ । ନଈ ପଠାରେ ବସି ପ୍ରିୟାର ଖିଆଲି ଦୁନିଆରେ ମୁଁ ହଜିଯାଇଥିଲି । ଦଲକାଏ ପବନ ସହ ବର୍ଷା ଯେମିତି ମୋ ସ୍ୱପ୍ନକୁ ଭାଂଗିଦେଲା । ବର୍ଷାରେ ଭିଜି ଘରକୁ ଆସିଲା ବେଳକୁ ବୋଉର ଗାଳିରେ ସବୁ ଭୁଲିଗଲି ।

ଏମିତି ନୂଆ ନୂଆ ପ୍ରେମର ଭୂତଟା ଓହ୍ଲାଇଲାବେଳକୁ ପରୀକ୍ଷାର ଚିନ୍ତା । ଯା ଭିତରେ ଆମ ଘର ଲ୍ୟାଣ୍ଡ ଫୋନଟା ଖରାପ ହେଇଯାଇଥାଏ । ବାପାଙ୍କୁ ଯେତେ କହିଲେ କିଛି

ଆବଶ୍ୟକ ନାହିଁ କହିକି ରହିଗଲେ । ଅଫିସ ଫୋନରେ ମୁଁ କଥା ହେଇଯିବି ହେଲେ ମୁଁ କାହାକୁ କହିପାରୁନଥାଏ । ଏଇ ଫୋନ ହିଁ ମୋ ପ୍ରଥମ ପ୍ରେମର ପ୍ରଥମ ସାକ୍ଷୀ । ତାପରେ ମୁଁ ଇଂଜିନିୟରିଂ କରୁଥାଏ । ହେଲେ ତା ବିଷୟରେ କିଛି ଖବର ନେଇପାରୁନଥାଏ । ଘରେ ବି ପଚାରିଲେ ବାତ୍ୟାର ଆଶଙ୍କା । ମନେ ମନେ ବହୁତ ଖୋଜୁଥାଏ । ପ୍ରେମ ଏକ ମିଠା ଆକର୍ଷଣ । ଭାରି ନିଆରା ସେ ପ୍ରଥମ ପ୍ରେମ । ସତ କହିଲେ କଲେଜରେ ପ୍ରତିଦିନ କେତେ ସୁନ୍ଦର ଝିଅଙ୍କ ସହ ଦେଖାହୁଏ । ହେଲେ ମୁଁ କେବଳ କଳ୍ପନା କରେ । ତାକୁ ତ ମୁଁ ପିଲା ବେଳେ ଦେଖିଥିଲି । ତା ଚେହେରା ବି ସତରେ ମୋର ମନେ ନାହିଁ । ହେଲେ ଭାବେ ଠିକ୍ ସେଇ ଝିଅଟି ପରି ହେଇଥିବ । ତା ଛୋଟ ଆଖିରେ କଜଳ ଗାର ଆଉ ତା ପଦାରେ ପାଉଁଜିର ଶୁଣୁଝୁଣୁ ଶବ୍ଦ । ତା ଆଖିରେ ମୁଁ ଆଖି ମିଶେଇ କୋଉଁ ଅଜଣା ଦିଗନ୍ତରେ ହଜିଯିବି । କୋଉ ଅକାତ କାତ ପାଣିରେ ବୁଡ଼ିଯିବାର ଭୟରେ ଯେମିତି ମୋ ଶରୀରକୁ ସ୍ଥାଣୁ ପାଲଟିଯାଏ । ତା ଲାଜୁଆ ହସ ଆଉ ନିରୀହ ଆଖି ମତେ ଏମିତି ଚାହିଁ ରହିଥିବ ନା । ଏମିତି କେତେ ପ୍ରଶ୍ନ ଉତ୍ତରର କାର୍ଯ୍ୟକ୍ରମ ମୋ ମସ୍ତିସ୍କ ଭିତରେ ମୋ ସ୍ନାୟୁମାନଙ୍କୁ ବିଚଳିତ କରୁଥାଏ । ପ୍ରେମ ଏକ ଛୋଟିଆ ଶବ୍ଦଟିଏ । ତା ଭିତରେ ନିହିତ ଥାଏ ଢ଼େର ସାରା ଆତ୍ମିୟତା ଆଉ କିଛି ଆବିଳତା । ସ୍ନେହ ସମ୍ମାନ ଯତନ ବି । ତା ଭିତରେ ଭିତରେ କିଛି ମୁହଁ ଫୁଲାଫୁଲି । ରାଗ ଅଭିମାନ କେତେ କ'ଣ ।

ହେଲେ ମୋ ପ୍ରେମ ଟିକେ ଅଲଗା । ନା ଚିଠି ନା ଠିକଣା । ନା କଥାବାର୍ତ୍ତା ନା ଦେଖାସାକ୍ଷାତ । କିଛି ନାହିଁ । ସେ କୋଉଠି ଥିବ କଣ ପଢୁଥିବ । ମୋ ପାଖରେ କିଛି ଖବର ନଥାଏ । ମତେ ମନେରଖିଥି କି ନାହିଁ ତା ବି ଜାଣିନି । ୟା ଭିତରେ ମୋର ବିଟେକ୍ ବି ସରିଗଲାଣି । ଦିନେ ବାପାଙ୍କ ମୋବାଇଲକୁ ତା ବାପାଙ୍କ କଲ ଦେଖି ମୁଁ ଖୁସି ହେଇଗଲି । ମୁଁ ହାଲୋ କହିବା ପୂର୍ବରୁ ସେ କହିଲେ ୟାରେ ମୋ ଝିଅର ବାଣିବିହାର ରେ ପିଜି ହେଇଯାଇଛି । ଆମେକାଲି ଭୁବନେଶ୍ୱର ଯାଉଛୁ । ତୁ ଆସିବୁ ତୋ ସହ ଦେଖାହେବ । ଏମିତି କହି ଫୋନ୍ କାଟିଦେଲେ । ମୁଁ ବାପାଙ୍କୁ ଜଣେଇ ଦେଲି । ହେଲେ ମୁଁ ସ୍ନେହା ନମ୍ବର ପାଇବି କୋଉଠୁ । ହଷ୍ଟେଲରେ ଆଡ଼ମିଶନ ହେଲାପରେ ବାପା ତାର ଲୋକାଲ ଗାର୍ଡ଼ିଆନ ପଡ଼ିଛନ୍ତି । ଥରେ କୋଉ କାରଣ ଯୋଗୁଁ ସେ କଲ କରିଥିଲା । ତା'ପରେ ତା ନମ୍ବର ବାପାଙ୍କ ମୋବାଇଲରୁ ଆଣିଲି । କିଛି କାମରେ ମୁଁ ରାଉରକେଲା ଯାଇଥାଏ । ସେଠି ପହଞ୍ଚି ତାକୁ କଲ କଲି । ହାଲୋ ମୁଁ ମିଟୁ କହୁଛି କହିଲା ବେଳକୁ ସେପଟେ ଗୋଟିଏ ଶବ୍ଦ ଏତେ ଦିନ ଲାଗିଗଲା କଲ ଟିକେ କରିବାକୁ । ତମ ଇଂଜିନିୟରିଂ ଝଅିଙ୍କୁ ଦେଖି ମତେ ଭୁଲିଗଲ । କଣ କହିବି ଭାବିଲା ବେଳକୁ ମୋ ଆଖିରେ ଲୁହ ବାହାରି ଯାଇଥାଏ । ରାତିସାରା କଥାହେଲା ପରେ ଜାଣିଲି ଯେ ସେ ବି ମତେ ବହୁତ ମିସ୍ କରୁଥିଲେ । ସେଦିନ ଇଣ୍ଟରସିଟିରେ କେମିତି ଆସିଛି ମୁଁ ଜାଣେ । ମୋ ଦେହଟା ବି ଜମା ଭଲ ଲାଗୁନଥାଏ । ରାତି ଅନିଦ୍ରା ହେଇକି ବୋଧେ ଏମିତି ଲାଗୁଛି । ଘରେ ଆସି ଆରାମରେ ଶୋଇଗଲି । ହେଲେ ଜମା ଭଲ ଲାଗୁନଥାଏ । ମୁଣ୍ଡଟା ଓଜନ ଲାଗୁଥାଏ । ସକାଳୁ ଉଠି ନିତ୍ୟକର୍ମ ସାରି ଭାଇ ସହ ଭୁବନେଶ୍ୱର ବାହାରିଲି । ତାକୁ ଦେଖିବାପାଇଁ ଏତେ ଦିନର ଅପେକ୍ଷାର ଅବସାନ ହେଇଚି । ମାତ୍ର ଦଶ କିଲୋମିଟର ଗଲାପରେ ଜୋରରେ ବାନ୍ତି ହେଲା । କିଛି ସମୟପରେ ରକ୍ତବାନ୍ତି ହେଲା । ମତେ ସେତେବେଳେ ନିସ୍ତେଜ ଲାଗୁଥାଏ । ଭାଇ ସାଂଗେ ହସ୍ପିଟାଲରେ ଭର୍ତ୍ତି କରିଦେଲେ । ପରେ ଜଣାପଡ଼ିଲା ମତେ ଫାଷ୍ଟ ଷ୍ଟେଜ କ୍ୟାନ୍ସର । ମୋ ପାଦ ତଳୁ ମାଟି ଖସିଗଲା । ତା ସହ ଦେଖାହେଇନି ଭଲ ହେଇଚି । ନ ହେଲେ ବିଚାରିଟା କଷ୍ଟ ପାଇଥାନ୍ତା । ସେଦିନ ମୋ ନମ୍ବରରେ ବାରମ୍ବାର କଲ ଦେଖି ଭାଇ ସନ୍ଦେହ କରୁଥିଲେ । ପରେ ପଚାରିଲାରୁ ମୁଁ ସତ କଥା କହିଦେଲି । ଭାଇ ଶୁଣିଲା ପରେ ବାରମ୍ବାର ତା ସହ କଥା ହେବାପାଇଁ ବାଧ କରୁଥିଲେ । ମନରେ କେତେ ସାହସ ଜୁଟେଇ କଲ କଲି । ସେ କଲ ରିସିଭ କଲାପରେ ଭଲରେ କଥା ହେଲେ । ମତେ କିନ୍ତୁ କେମିତି ଲାଗୁନଥାଏ । ଭଲ ହେଇଛି ତମେ ସେଦିନ ଆସି ନଥିଲା । ମୁଁ ବ୍ୟସ୍ତ ଥିଲି । ତମ ସହ ଆଉ କେବେ ଦେଖାଇବନି । ମୋତେ ବ୍ଲଡ କ୍ୟାନ୍ସର । ଏତିକି ଶୁଣିଲାପରେ ଭୋ ଭୋ ହେଇ କାନ୍ଦି ପକେଇଲେ । ବାଣିବିହାରରେ ଅଧିଷ୍ଠାତ୍ରୀ ଦେବୀ ମା ତାଳପାଦେଶ୍ୱରୀ । ସବୁଦିନ ସକାଳୁ ସେ ଯାଏ । ମା ପାଖରେ ଦିଘଣ୍ଟା କାଳ ବସେ । ବହୁତ କାନ୍ଦେ । ବହୁତ ବାର ବ୍ରତ କରେ । ମନ୍ଦିର ନନାଙ୍କ କହିବା ଅନୁସାରେ ସେ ପ୍ରତିଦିନ ସକାଳୁ ଆସି ମନ୍ଦିର ଓଳାପଳା କରେ । ନନା ପୂଜା କଲାବେଳେ ସେମିତି ମା'ଙ୍କ ପାଖେ ବସି ବହୁତ କାନ୍ଦେ । ସନ୍ଧ୍ୟାବେଳେ ଆଳତି ବେଳେ ବି ଆସେ । ଯେତେ ବର୍ଷା ହେଲେ ବି ନିଶ୍ଚିତ ଆସେ । ନା ଘଡ଼ଘଡ଼ି ଚଡ଼ଚଡ଼ିର ଭୟ । ଯେମିତି ଗୋଟେ ଅଗ୍ନି

ପରୀକ୍ଷା ଦଉଚି ସେ । ବୁଧବାରକୁ ଛାଡ଼ି ଆଉ ସବୁଦିନ ଉପାସ କରେ । ବାପାଙ୍କ କଥା ଅନୁସାରେ ଭାଇ ତାର ଭଲମନ୍ଦ ବୁଝିବା ପାଇଁ ଯାଏ ଅଫିସ ସାରି । ତାକୁ ଖାଇବା ପିଇବା କଥା ପଚାରିଲାରୁ ଆଜି ଉପବାସ ବୋଲି କହେ । ବେଶି ସମୟ ମୁଁ ତା ସହ କେବେ କଥା ହୁଏନି । ହେଲେ ସେ ଯେ କେବଳ ସପ୍ତାହରେ ଗୋଟେ ଦିନ ଖାଏ ମୁଁ ପଛରେ ଜାଣିଲି । କିଛି ଲୋକ କୁହନ୍ତି ଝିଅ ମାନେ ସ୍ୱାର୍ଥପର । ଜଣକୁ ଭଲ ପାଇ ଆଉ ଜଣକୁ ବାହାହେଇ ଯାନ୍ତି । ହେଲେ ସବୁ ଝିଅ କି ସବୁ ପୁଅ ସମାନ ନୁହଁ । ହେଲେ ଝିଅମାନଙ୍କ ପରି ତ୍ୟାଗ କେହି କରିପାରିବେ ନାହିଁ । ଗୋଟେ ଝିଅ ଯେତେବେଳେ ତା ଅନ୍ତରର ସହ କାହାକୁ ଭଲପାଏ ସ୍ୱୟଂ ଈଶ୍ୱର ତା ଇଚ୍ଛା ଭଲପାଇବା ଆଗରେ ମୁଣ୍ଡ ନୁଆଁଇ ଦିଅନ୍ତି ।

ପ୍ରେମରେ ଏତେ ତାକତ ଥାଏ ବୋଲି ପଛରେ ଜାଣିଲି । ତା ପୂଜାଭକ୍ତି ଭଲପାଇବା ଆଗରେ ଯେମିତି ମୁଁ ହାରିଗଲି । ସମସ୍ତଙ୍କ ପାଖରୁ ତା ବିଷୟରେ ଶୁଣିବା ପରେ ମତେ ଭାରି କଷ୍ଟ ଅନୁଭବ ହେଉଥିଲା । ସବୁ ଭୁଲି ତାକୁ କଲ କଲି । ରାଗରେ ବହୁତ ଗାଳି ଦେଲି । କଣ ଦରକାର ତୁମର ଏଇ ପୂଜା ବ୍ରତ କରିବା । ଇଏ ଗୋଟେ ପ୍ରହସନ ଆଉ ପ୍ରହେଳିକା । ତମ ଦେହ ଖରାପ ହେଲେ ତମ ବାପା ମା କ'ଣ କହିବେ । ଭାଇ ବି କହୁଥିଲା ତମ ସାଂଗମାନେ କହୁଥିଲେ ତମେ ଫାଷ୍ଟ ସେମିଷ୍ଟରର ମାତ୍ର ୧୨ଟା କ୍ଲାସ କରିଛ । ତମ ଏଚୋଡ଼ି ସାର ତମକୁ ଡାକିଥିଲେ । ଏତେ ଭିତରେ ସେ ଚୁପଚାପ ରହିଥାଏ । ଖାଲି କହୁଥାଏ ତମ ଦେହ ଖରାପ ଏତେ ଜୋରରେ ରାଗନି । କଣ ହବ ମରିଯିବି ତ । ଏମିତି ବି କୋଉ ଭଲ ହେବିକି । କ୍ୟାନ୍ସରରୁ କିଏ ଭଲ ହେଇଚି କି । ସେ ଏତେ ଲୋକଙ୍କ ନା କହିଥିଲା ସତରେ ସେମାନେ କ୍ୟାନ୍ସର ସରଭାଇବର କି ପଡିଶା ଘର ଲୋକମାନଙ୍କ ନା ମୁଁ ଏଯାଏ ବି ଜାଣିନି । ସେବେଠୁ ତା ସହ ନିୟମିତ କଥାହୁଏ । ସତ କହିଲେ ମଣିଷ ଯଦି ତାର ଆତ୍ମବିଶ୍ୱାସକୁ ହରେଇ ବସିବ କ୍ୟାନ୍ସର ଭଳି ମାରାତ୍ମକ ରୋଗ କ'ଣ ସାମନ୍ୟ ଖଣ୍ଡିଆ ଘା'ଟିଏ ବି ଭଲ ହବନି । ଆମେ ସବୁବେଳେ ମନରେ ବିଶ୍ୱାସ ରଖିବା ଉଚିତ । ସକାରାତ୍ମକ ଭାବନା ରହିଲେ ମଣିଷ ଆଗକୁ ଯାଇପାରିବ । ଏମିତି ବହୁତ ବୁଝାଏ । ସମସ୍ତେ କୁହନ୍ତି ଝିଅମାନଙ୍କ ପାଖରେ ଯାଦୁ ଥାଏ । କେଜାଣି କେଉଁ ଦେବୀ ସତରେ ତା ରୂପରେ ସରଗରୁ ଓହ୍ଲେଇ ଆସିଛନ୍ତି । ତା ରାଣ ନିୟମ ଆଗରେ ଯେମିତି କିଛି କହିବାର ନଥାଏ । ତା ମୁହଁକୁ ଚାହିଁ ସବୁ ଭୁଲିଯାଏ । ୟା ଭିତରେ ଆଠ ମାସ ବିତି ଗଲାଣି । ଡାକ୍ତରଙ୍କ କହିବା ଅନୁସାରେ ମୋ ଦେହରୁ କ୍ୟାନସ୍ୱର ଜୀବାଣୁଗୁଡ଼ାକ ମରିଗଲେଣି । ପ୍ରଥମ ଷ୍ଟେଜରେ ଜଣା ପଡ଼ିଥିବାରୁ ଚିକିତ୍ସା ସଫଳ ହେଇପାରିଲା । ଏଇ ଖୁସି ଖବରଟା ତାକୁ କହିବାରୁ ସେ କାନ୍ଦୁଥାଏ । କହୁଥାଏ ମୋ ପୂଜା ଆଜି ସଫଳ ହେଇଛି । ଭଗବାନ ନିଶ୍ଚୟ ଅଛନ୍ତି । ଭଲପାଇବା କେବଳ ପାଇବାରେ ସୀମିତ ନଥାଏ । ଭଲପାଇବାରେ ବିଶ୍ୱାସ ଭକ୍ତି ସମ୍ପୂର୍ଣ୍ଣ ଆତ୍ମୀୟତା ଥାଏ । ଶୁଣିଥିଲି ମହାସତୀ ସାବିତ୍ରୀ ତ ଯମ ପାଖରୁ ତାଙ୍କ ସ୍ୱାମୀଙ୍କୁ ଫେରାଇ ଆଣିଥିଲେ । ନାରୀଟିଏ ମା ହେଉ କି ଭଉଣୀ କେବଳ ପୁରୁଷର ମଂଗଳ ହିଁ କାମନା କରିଥାଏ । ତା'ର ଅଗାଢ଼ ବିଶ୍ୱାସ ମତେ ବଞ୍ଚିବାକୁ ବାଧ କରୁଥାଏ । ଏମିତି କିଛି ଦିନପରେ ମୁଁ ଆସ୍ତେ ଆସ୍ତେ ସୁସ୍ଥ ହେଲି । ୟା ଭିତରେ ତାଙ୍କର ପାଠପଢ଼ା ବି ଶେଷ ହେଇଗଲାଣି । ୟାପରେ ଆମ ବାହାଘର । ଏଇ ବାହାଘର ପାଇଁ ସମସ୍ତେ ଖୁସି ଥିଲେ ବି ସବୁଠୁ ଅଧିକା ଖୁସି ଥାଏ ସ୍ନେହା । ସତରେ ମେଯିତି ତା'ର ଅଗ୍ନି ପରୀକ୍ଷା ଶେଷ ହୋଇଛି । ଶ୍ରାବଣର ପ୍ରଥମ ବର୍ଷାର ଆଗମନରେ ମୟୁର ଯେମିତି ନାଚିଉଠେ । ସେମିତି ତା ଖୁସି । ବର୍ଷାର ପ୍ରଥମ ସ୍ୱର୍ଶରେ ମାଟିର ବାସ୍ନାକୁ ମୁଁ ଅନୁଭବ କରୁଥାଏ ।

ଛିମା, ଖୋର୍ଦ୍ଧା

ମୋ ୮୨୪୯୪୦୫୪୪୩


CBSE XII
2018 RESULT
ROUT CLASSES
For Mathematics
Akankshya Baisakh
DAV PUBLIC SCHOOL, CDA, Cuttack
MATH SCORE 98/100
Sidhartha
DAV, Chandrasekharpur, BBSR
MATH SCORE 96/100
Amit Pradhan
DAV Public School, CDA, Cuttack
MATH SCORE 95/100
Madhusmita Agasti
DAV PUBLIC SCHOOL, CDA, Cuttack
MATH SCORE 94/100
Nitu Mohapatra
MATH SCORE 91/100
Sarthak Satapathy
Mother's Public School, BBSR
MATH SCORE 90/100
Triparna Mishra
Delhi Public School
MATH SCORE 89/100
Bidyut
DAV Public School, Unit-8, BBSR
MATH SCORE 89/100
Namrata Jena
MATH SCORE 83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube


IBMS No.1 INSTITUTE
IBM'S
SINCE-2005
BANK PO/CLERK
SSC +2/GRADUATE
RLY Tech./Non Tech.
OAS BED
CALCULATE 763X592 IN SECONDS
Charge your Brain
With the power of VEDIC MATHS.
Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190
0671-6540190 M-9238500190
Register Your Name For Free Class
All India Topper
Lopa Mudra Mohanty
EXCLUSIVE FEATURES
COMPLETE SIGN-UP SYSTEMS
ENTRY BY 20 MINUTE PRE INTERVIEW & FREE CLASSES
WITH YOU SCORING OF 65%
STUDENT FORUM CLASSES
COMMON TEST STARTS FROM THE DATE OF ENTRY WITH COMPLETE EXPLANATION.
101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%
"I Get 6 job in 7 Month" Joined IOB PO. Calcutta.
Ankita Bhawani
Indian Overseas Bank PO
NARESH BARIK
VIJAYA BANK PO
Ruchi Smita Behera
Corporation Bank
Sandeep Mohanty
Bank Of India PO
Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)
IBM'S
CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ